## ସଂକ୍ଷେପରେ

### ସ୍ମୃତିରଞ୍ଜନ ହେଲେ ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ

**ବନ୍ତ,୩୦।୪(ହରି ନାରାୟଣ ମହାନ୍ତି)**

ଭଦ୍ରକ ଜିଲା ବନ୍ତ ବ୍ଲକର ଯୁବନେତା ସ୍ମୃତିରଞ୍ଜନ ସ୍ୱାଇଁ ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ପୂର୍ବରୁ କଂଗ୍ରେସ ଦଳରେ ଦୀର୍ଘ ବର୍ଷ ହେବ କାର୍ଯ୍ୟ କରିଆସୁଥିଲେ। କିଛି ମାସ ତଳେ ସେ ବିଜେଡିରେ ଯୋଗଦେଇ ଦଳ ପାଇଁ କାର୍ଯ୍ୟ କରିଆସୁଛନ୍ତି। ତାଙ୍କର ସାଂଗଠନିକ ଦକ୍ଷତା ଉପରେ ଆଶା ପ୍ରକଟ କରି ରାଜ୍ୟ ବିଜେଡି ସୁପ୍ରିମୋ ତାଙ୍କୁ ସାଧାରଣ ସମ୍ପାଦକ ଦାୟିତ୍ୱ ପ୍ରଦାନ କରିଛନ୍ତି। ଆଗକୁ ସାଧାରଣ ନିର୍ବାଚନ ଥିବାରୁ ସେ ଦଳର ସଙ୍ଗଠନକୁ ଆହୁରି ସୁଦୃଢ଼ କରିବେ ବୋଲି ସ୍ମୃତିରଞ୍ଜନ କହିଛନ୍ତି।

### ଆଞ୍ଚଳିକ ରଜ ମହୋତ୍ସବ ପରିଚାଳନା କମିଟି ଗଠିତ

**ବନ୍ତ,୩୦।୪ (ହରିନାରାୟଣ ମହାନ୍ତି)**

ବନ୍ତ ବ୍ଲକର ନିମାପଡ଼ା କପାଳୀ କ୍ଷେତ୍ରଠାରେ ଚଳିତବର୍ଷ ଶ୍ରୀଜଗନ୍ନାଥ ଆଞ୍ଚଳିକ ରଜ ମହୋତ୍ସବ ପାଳନ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କପାଳୀକ୍ଷେତ୍ରସ୍ଥିତ ଶାନ୍ତିବନ ପଡ଼ିଆଠାରେ ଶିକ୍ଷାବିତ୍ ଗଣେଶ ପ୍ରସାଦ କରଶର୍ମାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଆଗାମୀ ରଜ ମହୋତ୍ସବ ପାଳନ ନେଇ ଆଲୋଚନା ହୋଇଥିଲା। ଏହି ଅବସରରେ ରଜ ମହୋତ୍ସବ ପରିଚାଳନା ପାଇଁ ଏକ କମିଟି ଗଠନ କରାଯାଇଛି। କମିଟିର ସଭାପତି ଭାବେ ଡ.ଶୁଭେନ୍ଦୁ କୁମାର ମିଶ୍ର, ସମ୍ପାଦକ ପ୍ରକାଶ ଚନ୍ଦ୍ର ସାହୁ ଏବଂ କୋଷାଧ୍ୟକ୍ଷ ଭାବେ ସନାତନ ସେଠୀଙ୍କୁ ଚୟନ କରାଯାଇଥିଲା। ସଭ୍ୟ ଭାବେ ସୁଧାଂଶୁ ଶେଖର ନାୟକ, ହୃଷୀକେଶ ମିଶ୍ର, ଭାଗୀରଥି ସେଠୀ, ଅଜୟ କୁମାର ପୃଷ୍ଟି, ଗଣେଶ ପ୍ରସାଦ କରଶର୍ମା, ବିଜୟ କୁମାର ବିଶ୍ୱାଳ, ପ୍ରଭାସ କୁମାର ସାହୁ, ଶ୍ୟାମସୁନ୍ଦର ଜେନା, ଉମାକାନ୍ତ ରାଉତ, ଉତ୍ତମ କୁମାର ଦାସ, ଅର୍ଜୁନ କୁମାର ସ୍ୱାଇଁ ଓ ମୁରଲୀଧର ସୂତାର କମିଟିରେ ଅଛନ୍ତି।

### ପ୍ରଧାନଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**ବନ୍ତ,୩୦।୪(ହରିନାରାୟଣ ମହାନ୍ତି)**

ବନ୍ତ ବ୍ଲକର ଟିଲୋ ସରକାରୀ ଉଚ୍ଚ ବିଦ୍ୟାଳୟର ପୂର୍ବତନ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ନାରାୟଣ ଚନ୍ଦ୍ର ସାମଲଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ସଭାରେ ଜିଲା ଶିକ୍ଷାଧିକାରୀ ଅକ୍ରୁର ବାରିକ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ପ୍ରଣୟ କୁମାର ନାୟକ ଓ ଜଗବନ୍ଧୁ ସାହୁ ଯୋଗଦେଇ ବିଦାୟୀ ଶିକ୍ଷକ ସାମଲଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଜିଲା ବିଜ୍ଞାନ ସଂଯୋଜିକା ହିମାଦ୍ରୀ ନନ୍ଦିନୀ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ବିଭାଗୀୟ ଶିକ୍ଷା କର୍ମଚାରୀ ମାନସ କୁମାର ରାଉତଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ପ୍ରକାଶ ଥାଉକି, ୨୦୨୩-୨୪ ଶିକ୍ଷାବର୍ଷରେ ନାରାୟଣ ଜିଲା ଶିକ୍ଷା ଅଧିକାରୀଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ପରୀକ୍ଷା ପରିଚାଳନା ଦାୟିତ୍ୱ ସୁଚାରୁରୂପେ ସମ୍ପାଦନ କରିଆସୁଥିଲେ। ମୋ ସ୍କୁଲ କାର୍ଯ୍ୟକ୍ରମ ପରିଚାଳନା କ୍ଷେତ୍ରରେ ବନ୍ତ ବ୍ଲକକୁ ଶୀର୍ଷ ସ୍ଥାନରେ ପହଞ୍ଚାଇ ଥିବାରୁ ସେ ଜିଲାପାଳଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହୋଇଥିଲେ। ସେହିପରି ଟିଲୋ ସରକାରୀ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ତାଙ୍କୁ ବିଦାୟୀ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏଥିରେ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀ ଯୋଗ ଦେଇଥିଲେ।

# ବେଆଇନ ବାଲିଘାଟକୁ ନେଇ ତେଜୁଛି ବିବାଦ

**ଧାମନଗର, ୩୦।୪ (ଦେବେନ୍ଦ୍ର ଆଦିଆ)**

ଧାମନଗର ତହସିଲ ଅଧୀନ ବିଭିନ୍ନ ନଦୀଘାଟରୁ ବେଆଇନ ବାଲି ଚାଲାଣକୁ ନେଇ ବିବାଦ ତେଜିବାରେ ଲାଗିଛି। ବାଲିଉଠାକୁ ନେଇ ମଧ୍ୟ ସୋହଡ଼ା ପଞ୍ଚାୟତର କଣ୍ଟାପାରୀଠାରେ ଗଣ୍ଡଗୋଳ ଘଟିଛି। ବେଆଇନ ଭାବେ ବାଲି ପରିବହନ ଯୋଗୁ ଘରଦ୍ୱାର ନଷ୍ଟ ହେଉଥିବା ଅଭିଯୋଗ ଆଣି ପ୍ରତିବାଦ କରିବାରୁ ବାଲି ଚୋରିରେ ସମ୍ପୃକ୍ତ ଯୁବକ, ଟ୍ରାକ୍ଟର ମାଲିକ ଓ ଡ୍ରାଇଭର ଲୋକଙ୍କୁ ଆକ୍ରମଣ କରିଛନ୍ତି।

ସୂଚନା ଅନୁଯାୟୀ, ଖଡ଼ିପଦା ଓ ସୋହଡ଼ା ପଞ୍ଚାୟତର ସୀମାରେ ଥିବା କଣ୍ଟାପାରୀ ତରେଇସାହି ପାଖରେ ବୈତରଣୀ ନଦୀ ଶଯ୍ୟାରୁ ବେଦପୁର ଅଞ୍ଚଳର ଜଣେ ଯୁବକ ବେଆଇନ ଭାବେ ବାଲି ଉଠାଉଛନ୍ତି। ପ୍ରତ୍ୟେକ ଦିନ ଏହି ଘାଟରୁ ୧୦୦ରୁ ଅଧିକ ଟ୍ରିପ୍ ବାଲି ଚୋରି କରି ବିକ୍ରି କରୁଛନ୍ତି। ଏନେଇ ଗାଁ ଲୋକେ ସ୍ଥାନୀୟ ତହସିଲଦାରଙ୍କ ନିକଟରେ ଅଭିଯୋଗ କରିଥିଲେ। ଘର ଦୁଆର ମୁହଁ ରାସ୍ତାରେ ଦିନ ରାତି ବେଧଡ଼କ ବାଲି ବୁହା ହେଉଥିବାରୁ ତରେଇ ସାହିର ଲୋକେ ଅସନ୍ତୁଷ୍ଟ ଥିଲେ। ଏହାକୁ ନେଇ କେତେଜଣ ଲୋକ ବାଲି ଉଠାଉଥିବା ଯୁବକଙ୍କୁ ତାଗିଦା କରିଥିଲେ। ଏହାସତ୍ତ୍ୱେ ସେ ବେଖାତିର ଭାବେ ବାଲି ଚୋରି କରି ଆସୁଥିଲେ। ସୋମବାର ତରେଇ ସାହିର ଜଣେ ଯୁବକ କ୍ଷେତ୍ରପୁର ପୋଲ ଓ କଣ୍ଟାପାରୀ ଗଡ଼ା ପାର୍ଶ୍ୱ ଜଳଖିଆ ଦୋକାନରେ ବସିଥିଲେ। ବାଲି ନେଇ ଆସୁଥିବା ଟ୍ରାକ୍ଟର ଜୋରରେ ଯିବାରୁ ଧୂଳି ଉଡ଼ି ତାଙ୍କ ଦୋକାନରେ ପଶିଥିଲା। ଜଳଖିଆ ଦୋକାନୀ ଜଣକ ଟ୍ରାକ୍ଟର ଡ୍ରାଇଭରଙ୍କୁ ଅଟକାଇ ପଚାରିଥିଲେ। ଏହି ସମୟରେ ବାଲି ଚୋରି କରୁଥିବା ଯୁବକ ଜଣକ ଆସି ନିଜ ସହଯୋଗୀଙ୍କ ସହ ଜଳଖିଆ ଦୋକାନୀଙ୍କୁ ଆକ୍ରମଣ କରିଥିଲେ। ଦୋକାନରେ ଥିବା ଆଉ ଜଣେ ଯୁବକ ରୋକିବାକୁ ଚେଷ୍ଟା କରିବାରୁ ସେମାନେ ତାଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ଏପରିକି ଝଗଡ଼ା ଭାଙ୍ଗୁଥିବା ଦୋକାନୀଙ୍କ ବାପାଙ୍କୁ ଧସ୍ତାଧସ୍ତି କରିଥିଲେ। ଏନେଇ ଜଳଖିଆ ଦୋକାନୀ ଭ୍ରମର ମାଝି ଧାମନଗର ଥାନାରେ ଏତଲା ଦେଇଛନ୍ତି। ପୋଲିସ ଘଟଣାର ତଦନ୍ତ କରୁଛି।

### ଆନନ୍ଦପୁର ବାଲିଘାଟ ପରିଦର୍ଶନ କଲା ଏନ୍‌ଜିଟି ଟିମ୍



ବାଲିଘାଟରେ ଏନ୍‌ଜିଟି ଟିମ୍ ଅନୁଧ୍ୟାନ କରୁଛି।

ସେପଟେ ଧାମନଗର ଅଞ୍ଚଳରେ ବେଆଇନ ବାଲିଘାଟ ଚାଲିବାକୁ ନେଇ ବିଭିନ୍ନ ସମୟରେ ଅଭିଯୋଗ ହୋଇଆସୁଛି। ଆନନ୍ଦପୁର ପଞ୍ଚାୟତର ଆନନ୍ଦପୁର ପଣସମାହାରା ଘାଟ, ଆନନ୍ଦପୁର ଚନ୍ଦସାହି ଘାଟ, ବାବୁ ସାହିର ନିରୁପମା ମହାକୁଡ଼ ଘାଟ, ମାନଲାପୁର କଚେରୀ ବାଡ଼ି ଘାଟ, ଉତ୍ତେଇପୁର ମଲ୍ଲିମାହାରା ଓ ଗେଙ୍ଗୁଟି ନଦୀର ଚମ୍ପାବାଗ ଘାଟରୁ ବେଆଇନ ଭାବେ ବାଲି ଚାଲାଣ ହେଉଛି। ତେବେ ଉତ୍ତେଇପୁର ଘାଟରୁ ଲିଜ୍ ଅଞ୍ଚଳ ବାହାରୁ ଓ ପରିବେଶ ଅନୁମତି ନ ଥାଇ ବାଲି ଉତ୍ତୋଳନକୁ ନେଇ ସ୍ଥାନୀୟ ବାସିନ୍ଦା ଏନ୍‌ଜିଟିରେ ମାମଲା କରିଥିଲେ। ଏନ୍‌ଜିଟି ଏହାର ଶୁଣାଣି କରି ମାସକ ଭିତରେ ରିପୋର୍ଟ ଦେବାକୁ ୪ ଜଣିଆ ଟିମ୍‌କୁ ନିର୍ଦ୍ଦେଶ ଦେଇଥିଲା। ସେହି ନିର୍ଦ୍ଦେଶ ଅନୁସାରେ ମଙ୍ଗଳବାର ଏନ୍‌ଜିଟିର ଏକ ଟିମ୍, ଭୁବନେଶ୍ୱରରୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ କର୍ତ୍ତୃପକ୍ଷଙ୍କ ପ୍ରତିନିଧି ଓ ଜିଲା ପ୍ରଶାସନର ପ୍ରତିନିଧି ଆନନ୍ଦପୁର ବାଲିଘାଟରେ ପହଞ୍ଚି ଅନୁଧ୍ୟାନ କରି ଫେରିଛନ୍ତି।

# ଅସନ୍ତୁଷ୍ଟ ସଭାନେତ୍ରୀଙ୍କୁ ମନାଇଲା ବିଜେଡି

**ତିହିଡ଼ି,୩୦।୪ (ସଞ୍ଜିତ ବଳ)**

### ବିଦ୍ୟୁତ୍‌ଲତାଙ୍କୁ ଲୋକ ସଭା କ୍ଷେତ୍ର ସଂଯୋଜକ ଦାୟିତ୍ୱ



ସୁଶ୍ରୀ ବିଦ୍ୟୁତଲତା ନାୟକ।

ସାଧାରଣ ନିର୍ବାଚନରେ ବିଧାୟକ ପ୍ରାର୍ଥୀ ହେବାକୁ ଆଶାୟୀ ଥିଲେ ଭଦ୍ରକ ଜିଲା ବିଜୁ ମହିଳା ଜନତା ଦଳର ସଭାନେତ୍ରୀ ସୁଶ୍ରୀ ବିଦ୍ୟୁତଲତା ନାୟକ। ମାତ୍ର ଟିକେଟ ନ ମିଳିବାରୁ ସେ ଅସନ୍ତୁଷ୍ଟ ହୋଇଥିଲେ। ଏପରିକି ସେ ଦଳ ବଦଳ କରିବେ ବୋଲି ମଧ୍ୟ ଚର୍ଚ୍ଚା ଜୋର ଧରିଥିଲା। ଶେଷରେ ଦଳ ତାଙ୍କୁ ମନାଇବାରେ ସକ୍ଷମ ହୋଇଛି। ଭଦ୍ରକ ଲୋକ ସଭା କ୍ଷେତ୍ରରେ ସଂଯୋଜକ ଦାୟିତ୍ୱ ତାଙ୍କୁ ପ୍ରଦାନ କରାଯାଇଛି। ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଏବଂ ସଙ୍ଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ଅନୁମୋଦନରେ ତାଙ୍କୁ ଏହି ଦାୟିତ୍ୱ ମିଳିଥିବା ଜଣାପଡ଼ିଛି।

ଧାମନଗର ବିଧାନସଭା ନିର୍ବାଚନମଣ୍ଡଳୀ ଅଧୀନ ତିହିଡ଼ି ବ୍ଲକ ବିଲଣା ଗ୍ରାମର ବିଦ୍ୟୁତଲତା ଜିଲା ବିଜୁ ମହିଳା ଜନତା ଦଳର ସଭାନେତ୍ରୀ ସହ ଏବେ ଜିଲା ପରିଷଦ ସଭ୍ୟା ଅଛନ୍ତି। ପୂର୍ବରୁ ସେ ତିହିଡ଼ି ବ୍ଲକର ଅଧ୍ୟକ୍ଷା ଥିଲେ। ଦୀର୍ଘବର୍ଷ ହେଲା ଦଳ ସହ ରହି ସଙ୍ଗଠନ ସୁଦୃଢ଼ କରିବାକୁ ଉଦ୍ୟମ କରି ଆସିଥିବା ଏହି ନେତ୍ରୀ ଏଥର ନିର୍ବାଚନରେ ବିଧାୟକ ପ୍ରାର୍ଥୀ ହେବା ନେଇ ଆଶାୟୀ ଥିଲେ। ଭଦ୍ରକ ବିଧାନସଭା କ୍ଷେତ୍ର ମହିଳାଙ୍କ ପାଇଁ ସଂରକ୍ଷିତ ହେବ ଏବଂ ତାଙ୍କୁ ଟିକେଟ ମିଳିବ ବୋଲି ମଧ୍ୟ ରାଜନୈତିକ ମହଲରେ ଆଲୋଚନା ହୋଇଥିଲା। ମାତ୍ର ସେପରି ନ ହେବାରୁ ସେ ଅସନ୍ତୁଷ୍ଟ ହୋଇଥିଲେ। ଦଳ ବଦଳ କରି ସେ ବାସୁଦେବପୁରରୁ ପ୍ରାର୍ଥୀ ହେବେ ବୋଲି ମଧ୍ୟ ଚର୍ଚ୍ଚା ଜୋର ଧରିଥିଲା। ପରେ ଦଳର କେତେଜଣ ପ୍ରମୁଖ ନେତା ତାଙ୍କ ବାସଭବନକୁ ଯାଇ ତାଙ୍କ ସହ ଆଲୋଚନା କରିଥିବା ଜଣାପଡ଼ିଥିଲା। ତେବେ ତାଙ୍କୁ ଏହି ଦାୟିତ୍ୱ ମିଳିବା ପରେ ସେ ମୁଖ୍ୟମନ୍ତ୍ରୀଙ୍କ ସମେତ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ, ସଙ୍ଗଠନ ସମ୍ପାଦକ ଦାସ, ଜିଲା ପର୍ଯ୍ୟବେକ୍ଷକ ସଞ୍ଜୟ ଦାସବର୍ମା, ଜିଲା ସଭାପତି ଜଗନ୍ନାଥ ସ୍ୱାଇଁ ପ୍ରମୁଖଙ୍କୁ କୃତଜ୍ଞତା ଜଣାଇଛନ୍ତି।

# କଂଗ୍ରେସର ଜନ ଆଶୀର୍ବାଦ ସମାବେଶ



ସମାବେଶରେ କଂଗ୍ରେସ ବିଧାୟକ ପ୍ରାର୍ଥୀ ନିରଞ୍ଜନ ପଟ୍ଟନାୟକଙ୍କ ସହ ଦଳୀୟ ନେତା ଓ କର୍ମୀ।

**ବନ୍ତ,୩୦।୪(ହରିନାରାୟଣ ମହାନ୍ତି)**

ବନ୍ତ ବ୍ଲକର ତୋଡ଼ଙ୍ଗାଠାରେ କଂଗ୍ରେସର ଜନ ଆଶୀର୍ବାଦ ସମାବେଶ ମଙ୍ଗଳବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ପିସିସି ସାଧାରଣ ସମ୍ପାଦକ ପଦ୍ମାକର ଗୁରୁଙ୍କ ସଞ୍ଚାଳନାରେ ଆୟୋଜିତ ଏହି ସମାବେଶରେ ଭଣ୍ଡାରିପୋଖରୀ ବିଧାୟକ ପ୍ରାର୍ଥୀ ନିରଞ୍ଜନ ପଟ୍ଟନାୟକ ଯୋଗଦେଇ ବିଜେଡିକୁ ଟାର୍ଗେଟ୍ କରି କହିଥିଲେ, ଭଦ୍ରକ ଜିଲାବାସୀଙ୍କ ଦୀର୍ଘଦିନର ଦାବି ମେଡିକାଲ କଲେଜ ହୋଇପାରିଲା ନାହିଁ। ପଡ଼ୋଶୀ ଯାଜପୁର ଜିଲା ତୁଳନାରେ ଭଦ୍ରକର ବିକାଶ ହୋଇପାରି ନାହିଁ। ଭଦ୍ରକ ଜିଲାରେ ଶିକ୍ଷା, ସ୍ୱାସ୍ଥ୍ୟ ଓ କୃଷି ଶିଳ୍ପର ବିକାଶ ହାଇପାରି ନ ଥିବା ସେ କହିଥିଲେ।

କଂଗ୍ରେସର ଲୋକ ସଭା ପ୍ରାର୍ଥୀ ଅନନ୍ତ ପ୍ରସାଦ ସେଠୀ, ଜିଲା କଂଗ୍ରେସ ସଭାପତି ଅଶୋକ ଦାସ, ପୂର୍ବତନ ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ବନ୍ଦିତା ପରିଡ଼ା, ପୂର୍ବତନ ଜିଲା ସଭାପତି ସୁବ୍ରତ ଦାସ, ରାଜ୍ୟ ସଂଖ୍ୟାଲଘୁ ସେଲ୍ ସଭାପତି ଅବଦୁଲ କାଲାମ, ଜିଲା ନିର୍ବାଚନ କମିଟି ସଂଯୋଜକ ନଳିନୀକାନ୍ତ ମହାନ୍ତି, ନାରୀନେତ୍ରୀ ସବିତା ଚାନ୍ଦ, ଗୋଲକ ବେହେରା, ଦଳିତ ନେତା ରାଜେନ୍ଦ୍ର ଜେନା, ଭଣ୍ଡାରିପୋଖରୀ ବ୍ଲକ ସଭାପତି ରଜନୀକାନ୍ତ ଚାନ୍ଦ, ବନ୍ତ ବ୍ଲକ ସଭାପତି ରାଜକିଶୋର ସ୍ୱାଇଁ, ବ୍ଲକ ମହିଳା ସଭାନେତ୍ରୀ ପ୍ରତିମା ଘଡ଼େଇ, ପ୍ରେମାନନ୍ଦ ନାୟକ, ସୁଧାଂଶୁ ଜେନା ପ୍ରମୁଖ ଯୋଗ ଦେଇଥିଲେ। ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ କଡ଼ା ସମାଲୋଚନା କରିବା ସହ କଂଗ୍ରେସକୁ ଭୋଟ ଦେବା ପାଇଁ ସେମାନେ ନିବେଦନ କରିଥିଲେ। ୧୬ ନଂ. ଜାତୀୟ ରାଜପଥର ଆଖୁଆପଦାଠାରୁ ବିଶାଳ ବାଇକ୍ ଶୋଭାଯାତ୍ରାରେ କର୍ମୀମାନେ ନେତୃମଣ୍ଡଳୀଙ୍କୁ ସଭାସ୍ଥଳକୁ ପାଛୋଟି ନେଇଥିଲେ। ନବଜ୍ୟୋତି ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୂର୍ବତନ ବ୍ଲକ ସଭାପତି ଲକ୍ଷ୍ମୀଧର ସାହୁ, ଜ୍ୟୋତିରଞ୍ଜନ ନାୟକ, ନିରଞ୍ଜନ ମଲ୍ଲିକ, ପ୍ରଦ୍ୟୁମ୍ନ ଦାସ, ସାଦ୍ ସିଦ୍ଦିକ୍, ସନ୍ଦୀପ ଜେନା, ବିଜୟ ଶଙ୍କର ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ। ଭଣ୍ଡାରିପୋଖରୀ ଓ ବନ୍ତ ବ୍ଲକରୁ ୨୦ ହଜାରରୁ ଊର୍ଦ୍ଧ୍ୱ କର୍ମୀ ଏଥିରେ ଯୋଗ ଦେଇଥିଲେ।

# ପଥପ୍ରାନ୍ତ ସଭା ମାଧ୍ୟମରେ ପ୍ରଚାର

**ବାସୁଦେବପୁର,୩୦।୪ (ନାରାୟଣ ପ୍ରସାଦ ବାରିକ୍)**

ବାସୁଦେବପୁର ବିଧାନସଭା ନିର୍ବାଚନ ମଣ୍ଡଳୀ କଂଗ୍ରେସ ପକ୍ଷରୁ ପଢ଼ୁଁଆ ବଜାର ଓ ସୁଦର୍ଶନପୁରର ମାଛହାଟ ଛକଠାରେ ପଥପ୍ରାନ୍ତ ସଭା ମାଧ୍ୟମରେ ନିର୍ବାଚନ ପ୍ରଚାର କରାଯାଇଛି। ଜିଲା କଂଗ୍ରେସ ସଭାପତି ତଥା ବାସୁଦେବପୁର ବିଧାୟକ ପ୍ରାର୍ଥୀ ଅଶୋକ କୁମାର ଦାସ ପଢ଼ୁଁଆ ବଜାରରେ ନିର୍ବାଚନୀ ସଭାରେ ନିଜ ପାଇଁ ଓ ଭଦ୍ରକ ଲୋକ ସଭା ପ୍ରାର୍ଥୀ ଅନନ୍ତ ପ୍ରସାଦ ସେଠୀଙ୍କ ଲାଗି ଭୋଟ ମାଗିଥିଲେ। ବ୍ଲକଠାରୁ ଆରମ୍ଭ କରି ସରକାରୀ ଅଫିସରେ ଲାଞ୍ଚ ନ ଦେଲେ ଫାଇଲ ଘୁଞ୍ଚୁନି ବୋଲି ଅଭିଯୋଗ ଆଣିବା ସହ ସରକାରୀ ଯୋଜନାରୁ ପ୍ରକୃତ ହିତାଧିକାରୀ ବଞ୍ଚିତ ହେଉଛନ୍ତି। ଏହି ଦୁର୍ନୀତି ବିରୋଧରେ ଭୋଟରମାନେ ଜବାବ ଦେବେ ବୋଲି ସେ କହିଥିଲେ। ଅନୁରୂପ ଭାବେ ମାଛହାଟ ଛକରେ ନିର୍ବାଚନୀ ସଭା ଅନୁଷ୍ଠିତ ହୋଇଥିଲା। ସରପଞ୍ଚ ଆଦିତ୍ୟ ଗିରି, ପୂର୍ବତନ ସରପଞ୍ଚ ବୃନ୍ଦାବନ ଦାସ, ମହିଳା କଂଗ୍ରେସ ସଭାନେତ୍ରୀ ମଞ୍ଜୁଲତା ପଣ୍ଡାଙ୍କ ସହ ପଞ୍ଚାୟତସ୍ତରୀୟ ନେତାମାନେ ସଭାରେ ଯୋଗ ଦେଇଥିଲେ।

# ବିଜେଡିର ବିଶାଳ କର୍ମୀ ସମାବେଶ



ଜଗଦଳପୁରରେ କର୍ମୀ ସମ୍ମିଳନୀରେ ବିଧାୟକ ପ୍ରାର୍ଥୀ ପ୍ରଫୁଲ୍ଲ ସାମଲଙ୍କ ସହ ବିଜେଡି କର୍ମକର୍ତ୍ତା।

**ଭଦ୍ରକ,୩୦।୪(ସନାତନ ରାଉତ)**

ଭଦ୍ରକ ବ୍ଲକ ଅଧୀନ ଜଗଦଳପୁର ଓ ରାହାଞ୍ଜ ୨ ପଞ୍ଚାୟତରେ ବିଜେଡି ପକ୍ଷରୁ ବିଶାଳ କର୍ମୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଜଗଦଳପୁରରେ ବିଶାଳ ବାଇକ୍ ରାଲିରେ ବିଧାୟକ ପ୍ରାର୍ଥୀ ପ୍ରଫୁଲ୍ଲ ସାମଲଙ୍କୁ କର୍ମୀମାନେ ସଭାସ୍ଥଳକୁ ପାଛୋଟି ନେଇଥିଲେ। ସେହିପରି ରାହାଞ୍ଜ ପଞ୍ଚାୟତ କାର୍ଯ୍ୟାଳୟ ନିକଟ ପଡ଼ିଆରେ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ବିଧାୟକ ପ୍ରାର୍ଥୀ ପ୍ରଫୁଲ୍ଲ ମା'ଙ୍କୁ ସମ୍ମାନ ଗାଁକୁ କାମ ବିଜେଡିର ଅନ୍ୟ ନାମ କହି ଭାଷଣ ଆରମ୍ଭ କରିଥିଲେ। ବିଜେଡି ସରକାରର ଜନହିତକର ଯୋଜନା ଯୋଗୁ ରାଜ୍ୟରେ ଗରିବି ହଟିଛି। ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଯୋଜନା କରି ନବୀନ ବାବୁ ଓଡ଼ିଶାବାସୀଙ୍କ ସୁଖଦୁଃଖରେ ରହିଛନ୍ତି। ଆଉ ଥରେ ତାଙ୍କୁ ମୁଖ୍ୟମନ୍ତ୍ରୀ କରିବା ପାଇଁ ଆସନ୍ତା ନିର୍ବାଚନରେ ଶଙ୍ଖ ଚିହ୍ନରେ ଭୋଟ ଦେବାକୁ ନିବେଦନ କରିଥିଲେ। ବ୍ଲକ ଅଧ୍ୟକ୍ଷା ଉର୍ମିଳା ନାୟକ, ଉପାଧ୍ୟକ୍ଷ ମୁକୁନ୍ଦଦେବ ସାମଲ, ବିଜେଡି ଜିଲା ସଭାପତି ଜଗନ୍ନାଥ ସ୍ୱାଇଁ, ବ୍ଲକ ସଭାପତି ପ୍ରଫୁଲ୍ଲ ନାୟକଙ୍କ ସହ ପଞ୍ଚାୟତର ପ୍ରତିନିଧିମାନେ ଯୋଗ ଦେଇଥିଲେ। ସଭାରେ ବହୁ ସଂଖ୍ୟାରେ ମହିଳା ଓ ପୁରୁଷ ଉପସ୍ଥିତ ଥିଲେ।

# କାଳୀବଜାର, ଦୋବଲ ବଜାରରେ ଫ୍ଲାଗ୍‌ମାର୍ଚ୍ଚ

**ଧାମନଗର, ୩୦।୪ (ଦେବେନ୍ଦ୍ର ଆଦିଆ)**

ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ସୋମବାର ସନ୍ଧ୍ୟାରେ ଧାମନଗର ବ୍ଲକର କାଳୀବଜାର ଓ ଦୋବଲ ବଜାରରେ ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି। ବିଏସ୍‌ଏଫ୍ ଯବାନ ଓ ଧାମନଗର ପୋଲିସ ପକ୍ଷରୁ ମିଳିତ ଫ୍ଲାଗ୍‌ମାର୍ଚ୍ଚ କାଳୀବଜାରଠାରୁ ଆରମ୍ଭ ହୋଇ ଦୋବଲ ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ପରିକ୍ରମା କରିଥିଲା।

ଧାମନଗର ପୋଲିସ ସହ ବିଏସ୍‌ଏଫ୍‌ର ଏକ ପ୍ଲାଟୁନ ଫୋର୍ସ ଏଥିରେ ଅଂଶଗ୍ରହଣ କରିଥିଲେ। ଧାମନଗର ଥାନା ସବ୍ ଇନ୍ସପେକ୍ଟର ପ୍ରଦୀପ ନାୟକ, ଏଏସ୍‌ଆଇ ସୁଜିତ୍ ରାଉତ, ସଞ୍ଜୀବ ମହାପାତ୍ର ଏବଂ ପିଏସ୍‌ଆଇ ସୁଚିତ୍ରା ସେଠୀଙ୍କ ନେତୃତ୍ୱରେ ଫ୍ଲାଗ୍‌ମାର୍ଚ୍ଚ କରାଯାଇଥିଲା।

# ବିଜେଡିରେ ମିଶିଲେ ଅନ୍ୟ ଦଳର କର୍ମୀ

**ବାସୁଦେବପୁର, ୩୦।୪(ନାରାୟଣ ପ୍ରସାଦ ବାରିକ୍)**



ବିଧାୟକ ବିଷ୍ଣୁବ୍ରତ ରାଉତରାୟ ନୂତନ କର୍ମୀମାନଙ୍କୁ ସ୍ୱାଗତ କରୁଛନ୍ତି।

ବାସୁଦେବପୁର ବ୍ଲକ ସାନକୃଷ୍ଣପୁର ପଞ୍ଚାୟତର ଚାଳିଶଚେନ ଗ୍ରାମ ୧୧ ନଂ. ୱାର୍ଡରେ ବିଜେଡିର ମିଶ୍ରଣ ପର୍ବ ସହ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବିଜେଡି ସଭାପତି ଦୀନବନ୍ଧୁ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ବିଧାୟକ ପ୍ରାର୍ଥୀ ବିଷ୍ଣୁବ୍ରତ ରାଉତରାୟ ଯୋଗଦେଇ ଦଳୀୟ କର୍ମୀଙ୍କୁ ଉଦ୍‌ବୋଧନ ଦେବା ସହ ଭୋଟ୍ ଭିକ୍ଷା କରିଥିଲେ। ବାସୁଦେବପୁର ଜନତାଙ୍କର ସର୍ବାଙ୍ଗୀନ ବିକାଶ ଓ ଏହି ନିର୍ବାଚନମଣ୍ଡଳୀର ଭିତ୍ତିଭୂମିର ପୂର୍ଣ୍ଣମାତ୍ରାରେ ବିକାଶ ପାଇଁ ତାଙ୍କ ପରିବାର ଏବଂ ସେ ସର୍ବଦା ଚେଷ୍ଟିତ ବୋଲି କହିଥିଲେ। ଏହି ଅବସରରେ ଅନ୍ୟ ଦଳ ଛାଡ଼ି ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ବିଜେଡିରେ ସାମିଲ ହୋଇଛନ୍ତି। ବିଧାୟକଙ୍କ ପ୍ରତିନିଧି ଅସିତ ଦାସ, ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ ପଳିତା, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ସୁଶାନ୍ତ ବିଶ୍ୱାଳଙ୍କ ସହ ବିଭିନ୍ନ ପଞ୍ଚାୟତର ନେତୃମଣ୍ଡଳୀ ଯୋଗ ଦେଇଥିଲେ।

# 'ଲୋକଙ୍କ ସ୍ନେହ ଶ୍ରଦ୍ଧା ହେଉଛି ଆଶୀର୍ବାଦ'

**ଭଣ୍ଡାରିପୋଖରୀ, ୩୦।୪ (ରବିନାରାୟଣ ଖିଲାର)**



ବିଜେଡିର କର୍ମୀ ସମ୍ମିଳନୀରେ ବିଧାୟକ ପ୍ରାର୍ଥୀ ସଞ୍ଜୀବ ମଲ୍ଲିକ, ଏମ୍‌ପି ପ୍ରାର୍ଥୀ ମଞ୍ଜୁଲତା ମଣ୍ଡଳ ଓ ଅନ୍ୟମାନେ।

ଲୋକଙ୍କ ସ୍ନେହ, ଶ୍ରଦ୍ଧା ତାଙ୍କ ପାଇଁ ଆଶୀର୍ବାଦ ବୋଲି ଭଣ୍ଡାରିପୋଖରୀ ବିଧାୟକ ପ୍ରାର୍ଥୀ ସଞ୍ଜୀବ କୁମାର ମଲ୍ଲିକ ରାମଚନ୍ଦ୍ରପୁର ପଞ୍ଚାୟତରେ ଅନୁଷ୍ଠିତ ବିଜେଡି କର୍ମୀ ସମ୍ମିଳନୀରେ ଯୋଗଦେଇ କହିଛନ୍ତି। ବରିଷ୍ଠ ବିଜେଡି ନେତା ମଦନ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମ୍ମିଳନୀରେ ସଞ୍ଜୀବଙ୍କ ସହ ଏମ୍‌ପି ପ୍ରାର୍ଥିନୀ ମଞ୍ଜୁଲତା ମଣ୍ଡଳ ଯୋଗଦେଇ ଭଣ୍ଡାରିପୋଖରୀର ବିକାଶ ପାଇଁ ଦୁଇଟି ଶଙ୍ଖରେ ମତ ସାବ୍ୟସ୍ତ କରିବାକୁ ଆହ୍ୱାନ ଦେଇଥିଲେ। ଏହାସହ ଷଷ୍ଠ ଥର ଲାଗି ମୁଖ୍ୟମନ୍ତ୍ରୀ ଭାବେ ନବୀନ ପଟ୍ଟନାୟକଙ୍କ ହାତମୁଠା ଟାଣ କରିବାକୁ ନିବେଦନ କରିଥିଲେ।

ବ୍ଲକ ଅଧ୍ୟକ୍ଷା ସୁମତୀ ସେଠୀ, ଉପାଧ୍ୟକ୍ଷ ପ୍ରଣୀତକାନ୍ତି ସାମଲ, ବ୍ଲକ ବିଜେଡି ସଭାପତି ଲକ୍ଷ୍ମୀଧର ସାହୁ, ଜିଲା ଛାତ୍ର ବିଜେଡି ସଭାପତି ଦୀପ୍ତିସୂର୍ଯ୍ୟ ବିଶ୍ୱାଳ, ବ୍ଲକ ଯୁବ ବିଜେଡି ସଭାପତି ଲଳିତ ରାଉତ, ଜିଲା ପରିଷଦ ସଭ୍ୟ ବଦ୍ରୀ ନାରାୟଣ ରାଉତ, ଉତ୍କଳ କେଶରୀ ମହାନ୍ତି, ସରପଞ୍ଚ ରେଣୁବାଳା ରାଉତ, ସମିତିସଭ୍ୟା ବୈଜୟନ୍ତୀ ମୁଣ୍ଡା ପ୍ରମୁଖ ବିଜେଡିକୁ ବହୁ ପରିମାଣରେ ଭୋଟ ଦେଇ ଜୟଯୁକ୍ତ କରିବାକୁ କହିଥିଲେ। ବରିଷ୍ଠ ନେତା ମହେଶ୍ୱର ସାହୁ, ବସନ୍ତ ସାହୁ, ଭୂପତି ମଲ୍ଲିକ, ବିବେକ ବଳ, ରାମଚନ୍ଦ୍ର ପରିଡ଼ା, ଦିବାକର ସେନାପତି ପ୍ରମୁଖ ଯୋଗ ଦେଇଥିଲେ। ଯୁବ ବିଜେଡି ନେତା ଜୟନ୍ତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଥମେ ମୋଟର ସାଇକେଲ ଶୋଭାଯାତ୍ରାରେ ଛତାବରଠାରୁ ପର୍ବତୀ ଯାଏ ଦୁଇ ପ୍ରାର୍ଥୀଙ୍କୁ କର୍ମୀମାନେ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇ ପାଛୋଟି ନେଇଥିଲେ।

# ୧୩ ପଞ୍ଚାୟତ ଉପରେ ପ୍ରାର୍ଥୀଙ୍କ ନଜର

**ତିହିଡ଼ି,୩୦।୪(ସଞ୍ଜିତ୍ ବଳ)**

ସାଧାରଣ ନିର୍ବାଚନ ପାଖେଇ ଆସୁଥିବା ବେଳେ ଭଦ୍ରକ ଜିଲା ଧାମନଗର ବିଧାନସଭା ନିର୍ବାଚନମଣ୍ଡଳୀରେ ବିଭିନ୍ନ ଦଳର ପ୍ରାର୍ଥୀଙ୍କ ମଧ୍ୟରେ ତତ୍ପରତା ଦେଖିବାକୁ ମିଳୁଛି। ପ୍ରାର୍ଥୀମାନେ ବିଭିନ୍ନ ସ୍ଥାନରେ ଦଳୀୟ ବୈଠକ କରିବା ସହ ଘର ଘର ବୁଲିବା ଆରମ୍ଭ କରିଦେଇଛନ୍ତି। ଏପରିକି ଅନ୍ୟ ଦଳର କର୍ମୀମାନଙ୍କୁ ନିଜ ଦଳରେ ସାମିଲ କରିବାରେ ଲାଗିପଡ଼ିଛନ୍ତି। ଏବେଠୁ ପ୍ରାର୍ଥୀଙ୍କ ହାର୍ ଜିତ୍‌କୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଗଲାଣି। ଏହି ନିର୍ବାଚନମଣ୍ଡଳୀ ଅଧୀନ ତିହିଡ଼ି ବ୍ଲକର ୧୩ ପଞ୍ଚାୟତ ଉପରେ ପ୍ରାର୍ଥୀମାନେ ନଜର ରଖିଛନ୍ତି। କାରଣ ବିଗତ ନିର୍ବାଚନ ଓ ଉପନିର୍ବାଚନରେ ଏସବୁ ପଞ୍ଚାୟତ ପ୍ରାର୍ଥୀଙ୍କ ବିଜୟରେ ନିର୍ଣ୍ଣାୟକ ଭୂମିକା ନେଇଥିବା ଭୋଟ ଗଣତି ହେବା ପରେ ଜଣାପଡ଼ିଥିଲା। ଏଥର ନିର୍ବାଚନରେ ଉଭୟ ବିଜେଡି ଓ ଭାଜପା ବିଧାୟକ ପ୍ରାର୍ଥୀ ତିହିଡ଼ି ବ୍ଲକର ବାସିନ୍ଦା ହୋଇଥିବାରୁ ଏସବୁ ପଞ୍ଚାୟତରୁ ଅଧିକ ଭୋଟ୍ ହାତେଇବା ଲକ୍ଷ୍ୟରେ ଥିବା ଜଣାପଡ଼ିଛି।

ବ୍ଲକର ଅଚକ, ପାଳିଆବିନ୍ଧା, ନୂଆନନ୍ଦ, ଦୋଳସାହି, ଗୁଆମାଳ, ତାଳପଦା, କୁବେରା, ବାରୋ, ବିଲଣା, ତଳଗୋପବିନ୍ଧା, ବୋଡ଼କ, ଶ୍ୟାମସୁନ୍ଦରପୁର ଓ କାଁପଡ଼ା ପଞ୍ଚାୟତ ଧାମନଗର ବିଧାନସଭା ନିର୍ବାଚନମଣ୍ଡଳୀ ଅଧୀନରେ ରହିଛି। ବିଜେଡିରୁ ଡା. ସଞ୍ଜୟ କୁମାର ଦାସ, ଭାଜପାରୁ ସୂର୍ଯ୍ୟବଂଶୀ ସୂରଜ ଓ କଂଗ୍ରେସରୁ ରଞ୍ଜନ ବେହେରା ଚଳିତ ନିର୍ବାଚନରେ ବିଧାୟକ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଏହି ଆସନରେ ୨୦୨୨ରେ ହୋଇଥିବା ଉପନିର୍ବାଚନରେ ୧୩ ପଞ୍ଚାୟତରୁ ଭାଜପା ପ୍ରାର୍ଥୀ ସୂର୍ଯ୍ୟବଂଶୀ ବିଜେଡି ପ୍ରାର୍ଥୀ ଅବନ୍ତୀ ଦାସଙ୍କଠାରୁ ଅଧିକ ଭୋଟ ପାଇଥିଲେ। ବିଜେଡିର ଜଣେ ବିଦ୍ରୋହୀ ପ୍ରାର୍ଥୀ ସ୍ୱାଧୀନ ଭାବେ ନିର୍ବାଚନ ଲଢ଼ିଥିବାରୁ ବିଜେଡିର ଭୋଟ ହାର କମିଥିବା ନେଇ ଆଲୋଚନା ହୋଇଥିଲା। ମାତ୍ର ଏଥର ନିର୍ବାଚନରେ ସ୍ଥିତି ବଦଳି ଯାଇଛି। ବିଦ୍ରୋହୀ ପ୍ରାର୍ଥୀ ରାଜେନ୍ଦ୍ର ଦାସ ଏହାମଧ୍ୟରେ ଭାଜପାରେ ସାମିଲ ହୋଇସାରିଛନ୍ତି। ଚଳିତ ନିର୍ବାଚନରେ ଦଳୀୟ ସାମର୍ଥ୍ୟ ଅନୁଯାୟୀ ପ୍ରାର୍ଥୀଙ୍କୁ ଭୋଟ ମିଳିବା ନିଶ୍ଚିତ ହୋଇଥିବାରୁ ପ୍ରାର୍ଥୀମାନେ ଶକ୍ତି ବୃଦ୍ଧି ଦିଗରେ ଉଦ୍ୟମ ଚଳାଇଛନ୍ତି। ଉଭୟ ବିଜେଡି ଓ ଭାଜପା ପ୍ରାର୍ଥୀ ଭଦ୍ରକରେ ରହୁଥିବା ବେଳେ ନିଜ ବାସଭବନରେ ମଧ୍ୟ ଅନ୍ୟ ଦଳର କର୍ମୀଙ୍କୁ ନିଜ ଦଳରେ ସାମିଲ କରୁଛନ୍ତି। ଅପରପକ୍ଷେ ନିର୍ବାଚନମଣ୍ଡଳୀରେ କଂଗ୍ରେସର ସ୍ଥିତି ସୁଦୃଢ଼ ନ ଥିବାରୁ ପ୍ରାର୍ଥୀ ରଞ୍ଜନ ମଧ୍ୟ ସମ୍ମାନଜନକ ସ୍ଥିତିରେ ରହିବାକୁ ଉଦ୍ୟମ ଚଳାଇଥିବା ଜଣାପଡ଼ିଛି। ତେବେ ସେବା, କାର୍ଯ୍ୟଦକ୍ଷତା ଓ ବ୍ୟକ୍ତିତ୍ୱ ମଧ୍ୟ ଚଳିତ ନିର୍ବାଚନରେ ପ୍ରାର୍ଥୀଙ୍କ ହାର୍‌ଜିତ୍‌ରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ ବୋଲି ଆଲୋଚନା ହେଉଛି।

## ସଂକ୍ଷେପରେ

### ପୂର୍ବତନ ଏମ୍‌ଜିଏନ୍‌ଆରଇଜିଏସ୍ ସହାୟକଙ୍କୁ ୪ ବର୍ଷ ସଶ୍ରମ କାରାଦଣ୍ଡ

କେନ୍ଦୁଝର, ୩୦।୪
(ନରେଶ ଚନ୍ଦ୍ର ପଟ୍ଟନାୟକ)

ଏକ ଲାଞ୍ଚ ମାମଲାର ଶୁଣାଣି କରି ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ଶୁଣାଣି କରି ପୂର୍ବତନ ଏମ୍‌ଜିଏନ୍‌ଆରଇଜିଏସ୍ ସହାୟକ ଲଳିତ କୁମାର ମହାନ୍ତଙ୍କୁ ୪ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ୨ ହଜାର ଟଙ୍କା ଜରିମାନା କରାଯାଇଛି। ଜରିମାନା ଅନାଦେୟ ଅଧିକ ୨ମାସ ସଶ୍ରମ କାରାଦଣ୍ଡ ଭୋଗିବାକୁ ରାୟରେ କୁହାଯାଇଛି। ସେ କେନ୍ଦୁଝର ଜିଲା ସହରପଡା ବ୍ଲକରେ କାମ କରିଥିବା ବେଳେ ୨୦୧୬ ଫେବୃୟାରୀ ୨୬ରେ ଜଣେ ହିତାଧିକାରୀଙ୍କୁ ଏମ୍‌ଜିଏନ୍‌ଆରଇଜିଏସ ଯୋଜନାରେ ଏକ କାମର କାର୍ଯ୍ୟାଦେଶ ପାଇଁ ୧୦ହଜାର ଟଙ୍କା ମାଗିଥିଲେ। ଟଙ୍କା ନେବା ବେଳକୁ ଭିଜିଲାନ୍ସ ବିଭାଗ ହାତରେ ଧରାପଡ଼ି ଚାକିରି ହରାଇଥିଲେ। ଏହି ମାମଲାର ବିଚାର କରି ଦୁର୍ନୀତି ନିବାରଣ ଆଇନ ୧୯୮୮ ଧାରା ୭ ଅନୁଯାୟୀ ଉକ୍ତ ଦଣ୍ଡାଦେଶ କରିବା ସହ ଗିରଫ କରି ଜେଲ ପଠାଯାଇଥିବା ବିଭାଗ ସୂତ୍ରରୁ ଜଣାପଡ଼ିଛି।

### କଂଗ୍ରେସ ପରିଚାଳନା କମିଟି ଗଠନ

କେନ୍ଦୁଝର,୩୦।୪
(ନରେଶ ଚନ୍ଦ୍ର ପଟ୍ଟନାୟକ)

ଆସନ୍ତା ସାଧାରଣ ନିର୍ବାଚନ ପରିଚାଳନା ପାଇଁ କେନ୍ଦୁଝର ଜିଲା କଂଗ୍ରେସ କମିଟି ପକ୍ଷରୁ ଏକ ନିର୍ବାଚନ ପରିଚାଳନା କମିଟି ଗଠନ କରାଯାଇଛି। ଏହି କମିଟି କେନ୍ଦୁଝର ଲୋକସଭା କ୍ଷେତ୍ର ଓ ୬ ଗୋଟି ବିଧାନସଭା ଯଥା ଆନନ୍ଦପୁର, ଘସିପୁରା, କେନ୍ଦୁଝର, ଚମ୍ପୁଆ, ପାଟଣା ଓ ତେଲକୋଇ ପାଇଁ ନିର୍ବାଚନ ପରିଚାଳନା କରିବେ। ଏଥିରେ ଜିଲା କଂଗ୍ରେସ ସଭାପତି ମୋହନ ଚରଣ ପରିଡା ଅଧ୍ୟକ୍ଷ ଥିବା ବେଳେ ପିସିସି ସମ୍ପାଦକ ସଂଗ୍ରାମ ଦାସ ସଂଯୋଜକ ଭାବେ କାର୍ଯ୍ୟ କରିବେ। ସଦସ୍ୟ ଭାବେ ପିସିସି ସାଧାରଣ ସମ୍ପାଦକ ଆଲୋକ ମିଶ୍ର, ପିସିସି ସାଧାରଣ ସମ୍ପାଦକ ଇଂ. ମନୋଜ ଜେନା, ପୂର୍ବତନ ସାଂସଦ ଶକୁନ୍ତଳା ଲାଗୁରୀ, ପୂର୍ବତନ ବିଧାୟକ ପ୍ରାଣବଲ୍ଲଭ ନାୟକ, ପୂର୍ବତନ ବିଧାୟକ ଇଂ. ସୁବର୍ଣ୍ଣ ନାୟକ, ରାଜ୍ୟ ମହିଳା କଂଗ୍ରେସ ଉପସଭାନେତ୍ରୀ ସଂଗୀତା ସିଂହ, ଜିଲା ଯୁବ କଂଗ୍ରେସ ସଭାପତି ସୁନେଶ ଧୀର, ଜିଲା କଂଗ୍ରେସ ପଛୁଆବର୍ଗ ବିଭାଗ ଅଧ୍ୟକ୍ଷ ଯଦୁମଣି ବାରିକ, ଜିଲା ଛାତ୍ର କଂଗ୍ରେସ ସଭାପତି ଶୁଭମ ରାଜ, ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ପ୍ରବୀଣା ଦଣ୍ଡପାଟ, କେନ୍ଦୁଝର ଲୋକସଭା କଂଗ୍ରେସ ପ୍ରାର୍ଥୀ ଇଂ. ବିନୋଦ ବିହାରୀ ନାଏକ, ପୂର୍ବତନ ବିଧାୟକ ତଥା ପାଟଣା କଂଗ୍ରେସ ବିଧାୟକ ପ୍ରାର୍ଥୀ ହୃଷିକେଶ ନାଏକ, ପୂର୍ବତନ ସାଂସଦ ତଥା ଚମ୍ପୁଆ କଂଗ୍ରେସ ବିଧାୟକ ପ୍ରାର୍ଥୀ ଯଶୋବନ୍ତ ସିଂ ଲାଗୁରୀ, କେନ୍ଦୁଝର ସଦର କଂଗ୍ରେସ ବିଧାୟିକ ପ୍ରାର୍ଥୀ ପ୍ରତିଭା ମଞ୍ଜରୀ ନାଏକ, ଘସିପୁରା କଂଗ୍ରେସ ବିଧାୟକ ପ୍ରାର୍ଥୀ ସୁବ୍ରତ କୁମାର ଚକ୍ର, ତେଲକୋଇ କଂଗ୍ରେସ ବିଧାୟକ ପ୍ରାର୍ଥୀ ନିର୍ମଳ ଚନ୍ଦ୍ର ନାଏକ, ବରିଷ୍ଠ କଂଗ୍ରେସ ନେତା ଚତୁର୍ଭୁଜ ନାୟକ, ବସନ୍ତ କୁମାର ଦାସ, କୃଷ୍ଣଚନ୍ଦ୍ର ମହାନ୍ତି, ବିଦ୍ୟାଧର ଦାଶ ଏବଂ ଲଳିତ ମୋହନ ନାୟକ ପ୍ରମୁଖ ଏହି କମିଟିରେ ସ୍ଥାନ ପାଇଛନ୍ତି।

### ପ୍ରାଧ୍ୟାପକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ପାଟଣା, ୩୦।୪ (ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ ମୁଖ୍ୟାଳୟସ୍ଥିତ ସାମପାଟଣା ଆଞ୍ଚଳିକ ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ ପ୍ରାଧ୍ୟାପକ ଯୋଗେଶ୍ୱର ପତି ମଙ୍ଗଳବାର ଅବସର ଗ୍ରହଣ କରିଛନ୍ତି। ମହାବିଦ୍ୟାଳୟ ପରିସରରେ ତାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। କଲେଜ ଅଧ୍ୟକ୍ଷ ବୀରେନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ପରିଚାଳନା କମିଟି ସଭାପତି ତଥା ଅବସରପ୍ରାପ୍ତ ଇତିହାସ ଅଧ୍ୟାପକ ଯୁଧିଷ୍ଠିର ମହାନ୍ତ, ସମ୍ମାନିତ ଅତିଥି ପ୍ରାଧ୍ୟାପକ ପୂର୍ଣ୍ଣଚନ୍ଦ୍ର ଦାଶ, ଅଶ୍ୱିନୀ କୁମାର ସାହୁ, ମହାବିଦ୍ୟାଳୟ କ୍ରୀଡ଼ା ଶିକ୍ଷକ କ୍ୟାପଟେନ ଧର୍ମେନ୍ଦ୍ର କୁମାର ସାହୁ, ଅଧ୍ୟାପିକା ସୁସ୍ମାତା ଶୋଭାଲିନ ମହାପାତ୍ର, ପଦାର୍ଥ ବିଜ୍ଞାନ ଅଧ୍ୟାପିକା ସୁଚିସ୍ମିତା ଦାଶ, ଶରତ କୁମାର ମିଶ୍ର, ରଜତ କୁମାର ଦାଶ, ବ୍ରଜେନ୍ଦ୍ର କୁମାର ପତି, ଅଧ୍ୟାପକ ହଳଧର ସାହୁ, ଓଡ଼ିଆ ପ୍ରାଧ୍ୟାପକ ଜଗନ୍ନାଥ ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ। ବିଦାୟୀ ପ୍ରାଧ୍ୟାପକଙ୍କ ବ୍ୟକ୍ତିତ୍ୱ, ଛାତ୍ରବତ୍ସଳ, କର୍ତ୍ତବ୍ୟନିଷ୍ଠା, ଶିକ୍ଷା ପ୍ରତି ଥିବା ଅନୁରାଗ ଉପରେ ଅତିଥିମାନେ ଆଲୋକପାତ କରିଥିଲେ। ଶେଷରେ ମହାବିଦ୍ୟାଳୟ ତରଫରୁ ତାଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧନା ଦିଆଯାଇଥିଲା।

# ସାନମାଛ କାନ୍ଦଣା ଡ୍ୟାମ୍‌ରେ ଜଳାଭାବ

## ସଂକଟରେ କେନ୍ଦୁଝରବାସୀ, ଚିନ୍ତାରେ ଜନସ୍ୱାସ୍ଥ୍ୟ ବିଭାଗ

କେନ୍ଦୁଝର,୩୦।୪
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲାରେ ତାପମାତ୍ରା ୪୩ ଡିଗ୍ରୀ ଟପିଯାଇଥିବା ବେଳେ ବିଭିନ୍ନ ଜଳଭଣ୍ଡାର, ନଦୀନାଳର ଜଳସ୍ତର ହ୍ରାସ ପାଇଛି। ବର୍ଷା ହେଉ ନ ଥିବାରୁ ଅନେକ ଜଳ ଭଣ୍ଡାର ଶୁଖିଲା ପଡ଼ିଲାଣି। ଫଳରେ ଜଳ ସଙ୍କଟ ଧିରେ ଧିରେ ଉତ୍କଟ ହେବାକୁ ବସିଲାଣି। କେନ୍ଦୁଝର ସହରକୁ ପାନୀୟ ଜଳ ଯୋଗାଣ ପାଇଁ ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ସାନ ମାଛକାନ୍ଦଣା ଡ୍ୟାମ୍‌ରେ ମଧ୍ୟ ଜଳସ୍ତର ହ୍ରାସ ପାଇ ଶୁଷ୍କ ହେବାକୁ ବସିଛି। ଫଳରେ ପାନୀୟ ଜଳ ଯୋଗାଣ ବାଧାପ୍ରାପ୍ତ ହୋଇଥିବା ବେଳେ ବର୍ଷା ନ ହେଲେ ଆଉ ୧୦ ଦିନ ମଧ୍ୟରେ ସମ୍ପୂର୍ଣ୍ଣ ଜଳ ଯୋଗାଣ ବନ୍ଦ ହୋଇଯିବା ଆଶଙ୍କା ପ୍ରକାଶ ପାଇଛି। ଡ୍ୟାମ୍‌କୁ ଜଳ ପ୍ରବାହ ଦୀର୍ଘ ମାସ ହେଲା ବନ୍ଦ ରହିଥିବା ବେଳେ ଗଚ୍ଛିତ ଜଳ ପ୍ରବଳ ଉତ୍ତାପ ଯୋଗୁ ଶୁଖିଯାଉଛି। ଏଣୁ ଏହାକୁ ନେଇ ଜନସ୍ୱାସ୍ଥ୍ୟ( ସହରାଞ୍ଚଳ ଜଳ ଯୋଗାଣ ସଂସ୍ଥା) ବିଭାଗ ପଡ଼ିଥିବା ବେଳେ ବିକଳ୍ପ ବ୍ୟବସ୍ଥା ପାଇଁ ପ୍ରସ୍ତୁତ ହେଉଥିବା ଜଣାପଡିଛି। କିଛି ଦିନ ହେଲା ଜଳ ସ୍ତର କମିଯିବାରୁ ସିଧାସଳଖ ଯୋଗାଣ ହୋଇ ପାରି ନ ଥିଲା। ଫଳରେ ପମ୍ପ ଦ୍ୱାରା ପାଣି ଉଠାଇ ଯୋଗାଣ ହେଉଥିଲା। ଆଗକୁ ବର୍ଷା ନ ହେଲେ ପମ୍ପରେ ଉଠାଇ ପାଣି ଯୋଗାଣ ହୋଇ ପାରିବ ନାହିଁ ବୋଲି ବିଭାଗ ପକ୍ଷରୁ ସୂଚନା ମିଳିଛି।

ପ୍ରକାଶ ଯେ, କେନ୍ଦୁଝର ସହରକୁ ସାନ ମାଛକାନ୍ଦଣା ଓ କାନଝରୀ ଡ୍ୟାମ୍‌ରୁ ପାଇପ ଜରିଆରେ ପାନୀୟ ଜଳ ଯୋଗାଇ ଦିଆଯାଇଥାଏ। ସେଥିରୁ ସାନ ମାଛକାନ୍ଦଣା ଡ୍ୟାମ୍‌ରେ ଜଳାଭାବ ଏବେଠୁ ଦେଖାଦେଇଥିବାରୁ ସାଧାରଣରେ ଚିନ୍ତା ସୃଷ୍ଟି ହୋଇଛି। ବାଂଶପାଳ ବ୍ଲକ ମେଦିନିପୁର ନିକଟରେ ରହିଛି ସାନ ମାଛକାନ୍ଦଣା ଡ୍ୟାମ୍। ଏହି ଡ୍ୟାମରୁ ରାଜାରାଜୁଡ଼ା ସମୟରୁ କେନ୍ଦୁଝର ସହରକୁ ପାନୀୟ ଜଳ ଯୋଗାଣ ହୋଇଥାଏ। ମାଧ୍ୟାକର୍ଷଣ ଶକ୍ତି ବଳରେ ଏହି ପାଣି ପାଇପରେ ଆସି ଜୁଡିଆ ଘାଟିରେ ସଂରକ୍ଷଣ କରି ସେଠାରୁ ବିଶୁଦ୍ଧ ଜଳସହରକୁ ଯୋଗାଇ ଦିଆଯାଇଥାଏ। ଆଗରୁ ସମଗ୍ର ସହରକୁ ପାନୀୟ ଜଳ ଯୋଗାଣ ହେଉଥିଲା। ଏହି ଡ୍ୟାମ୍‌ରୁ ୧ରୁ ୮ ଓ ୧୧ରୁ ୧୫ ନମ୍ବର ୱାର୍ଡକୁ ପାନୀୟ ଜଳ ଯୋଗାଣ ହୋଇଥାଏ। ପାଖାପାଖି ୫୦ ହଜାର ପରିବାର ଏହି ଜଳ ଯୋଗାଣ ପ୍ରକଳ୍ପ ଉପରେ ନିର୍ଭର କରି ଚଳିଆନ୍ତି ବୋଲି ଜନସ୍ୱାସ୍ଥ୍ୟ ବିଭାଗର ଯନ୍ତ୍ରୀ ଘାଷିରାମ ମାଝୀ କହିଛନ୍ତି। ଏହି ଡ୍ୟାମରୁ ଜଳସେଚନ ପାଇଁ ମଧ୍ୟ ଜଳ ଯୋଗାଣ ହୋଇଥାଏ। ତେବେ ଏହାର ରେଗୁଲେଟରରେ ସମସ୍ୟା ଯୋଗୁ ଡ୍ୟାମରୁ ଜଳ ଲିକ ହୋଇ ବୋହିଯିବା ଫଳରେ ଏଭଳି ସମସ୍ୟା ସୃଷ୍ଟି ହୋଇଛି। ଏଣୁ ପାଣି ସରିଗଲେ କିପରି ପାନୀୟ ଜଳ ମିଳିବ ସେ ନେଇ ସହରର ଉକ୍ତ ୱାର୍ଡବାସୀ ଚିନ୍ତାରେ ପଡ଼ିଛନ୍ତି। ଅନ୍ୟ ୱାର୍ଡକୁ କାନଝରୀ ଜଳଭଣ୍ଡାରରୁ ପାଇପ ଦ୍ୱାରା ଜଳ ଯୋଗାଣ ହୋଇ ଆସୁଛି।

କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ପାଖାପାଖି ୪ କୋଟି ଟଙ୍କା ବ୍ୟୟରେ ଏହି ଡ୍ୟାମ୍‌ର ପୁନରୁଦ୍ଧାର କାମ ହୋଇଥିଲା। କିନ୍ତୁ ଯେଉଁ ସ୍ଥାନରେ ଖୋଳା ଗଲେ ପାଣି ଗଚ୍ଛିତ ହୋଇ ପାରିବ ସେ ସ୍ଥାନରେ ଖୋଳା ନ ଯାଇ ଅନ୍ୟ ସ୍ଥାନରେ ଖୋଳାଯିବା ଏବଂ ରେଗୁଲେଟର ଠିକ୍ ଭାବରେ ମରାମତି କରା ନ ଯିବା ଫଳରେ ଏଭଳି ପରିସ୍ଥିତି ଉପୁଜିଥିବା ଅଭିଯୋଗ ହେଉଛି। ଏବେ ଡ୍ୟାମ୍‌ଟି ପ୍ରାୟତଃ ଶୁଷ୍କ ରହିଥିବାରୁ ଏହାର ଖନନ କରାଗଲେ ଆଗାମୀ ଦିନରେ ଅଧିକ ଜଳ ଗଚ୍ଛିତ ହୋଇପାରିବ ବୋଲି ମତପ୍ରକାଶ ପାଉଛି। ଏନେଇ ବିଭାଗର ସାଧାରଣ ପରିଚାଳକ ନାରଦ ରଥ କହିଛନ୍ତି ଯେ, ଜଳସ୍ତର କମିଲେ ପମ୍ପ ଦ୍ୱାରା ଉଠାଇ ପାନୀୟ ଜଳ ଯୋଗାଣ କରାଯାଉଛି। ପରବର୍ତ୍ତୀ ସମୟରେ ଜଳ ସମସ୍ୟା ଦୂର କରିବାକୁ ଟ୍ୟାଙ୍କର ଯୋଗେ ଲୋକଙ୍କୁ ଜଳ ଯୋଗାଣ କରାଯିବ। ଏହି ଡ୍ୟାମ୍‌ର ତଳ ଅଞ୍ଚଳରେ ରହିଛି ପ୍ରସିଦ୍ଧ ବଡ଼ଘାଗରା ଓ ସାନଘାଗରା ଜଳ ପ୍ରପାତ। ପ୍ରାକୃତିକ ଏହି ଦୁଇ ଜଳପ୍ରପାତକୁ ଦେଖିବାକୁ ଲକ୍ଷାଧିକ ପର୍ଯ୍ୟଟକ ଆସିଥାନ୍ତି। ଏଥିପାଇଁ ବହୁ କୋଟି ଟଙ୍କା ବ୍ୟୟରେ ବିକାଶ କାମ କରାଯାଇଛି। ଏଣୁ ଜଳ ପ୍ରବାହ ବନ୍ଦ ହୋଇ ଗଲେ ଦୁଇ ଜଳପ୍ରପାତ କ୍ଷତିଗ୍ରସ୍ତ ହେବ ବୋଲି ଆଶଙ୍କା କରାଯାଉଛି। ସେହିପରି ଏହା ଦ୍ୱାରା ଜୀବଜନ୍ତୁ, ପକ୍ଷୀମାନେ ମଧ୍ୟ ଜଳସଙ୍କଟର ସମ୍ମୁଖୀନ ହେବା ସହ ନଦୀ କୂଳରେ ଚାଷ କରି ବହୁ ଲୋକ ଚଳିଆସନ୍ତି। ଅଧିକ ପାଣି ଗଚ୍ଛିତ ହୋଇ ରହୁ ନ ଥିବାରୁ ଉଭୟ ପାନୀୟ ଜଳ ଓ ଖରାଟିଆ ଚାଷ ପାଇଁ ଜଳସେଚନରେ ସମସ୍ୟା ଉପୁଜିବାକୁ ବସିଛି।


ମାଛକାନ୍ଦଣା ଡ୍ୟାମ୍‌ରୁ ମୋଟର ସାହାଯ୍ୟରେ ପାଣି ଉଠାଯାଉଛି।

# ଚାଙ୍ଗୁ ବଜାଇ ନାଚିଲେ ଏମ୍‌ପି ପ୍ରାର୍ଥୀ


କଂଗ୍ରେସ ଏମ୍‌ପି ପ୍ରାର୍ଥୀ ବିନୋଦ ବିହାରୀ ନାଏକ ଚାଙ୍ଗୁଦଳ ସହ ନୃତ୍ୟ ପରିବେଷଣ କରୁଛନ୍ତି।

ପାଟଣା,୩୦।୪ (ବୀରକିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ ଅଧୀନ ତୁରୁମୁଙ୍ଗା ପଞ୍ଚାୟତର ହାତୀବାରି ଗ୍ରାମ ପୁରୁଣାସାହି ବଡାମଶାଳ ପ୍ରାଙ୍ଗଣରେ ବଡ଼ାମ ବଡ଼ାମଣୀଙ୍କ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। କେନ୍ଦୁଝର ଲୋକ ସଭା ପାଇଁ କଂଗ୍ରେସ ଏମ୍‌ପି ପ୍ରାର୍ଥୀ ଇଂ. ବିନୋଦ ବିହାରୀ ନାଏକ ଏଥିରେ ସାମିଲ ହୋଇ ବାଥୁଡ଼ି ସମ୍ପ୍ରଦାୟର ସ୍ୱତନ୍ତ୍ର ବାଦ୍ୟ ଚାଙ୍ଗୁ ବଜାଇ ବାଦ୍ୟର ତାଳେ ତାଳେ ନୃତ୍ୟ ପରିବେଷଣ କରିବା ସହ ଗୀତ ଗାଇଥିଲେ। ବାରଭାଇ ଚାଙ୍ଗୁଆ ଜେଲଦା, ମିରିଗିନେଣ୍ଡୀ, ତଳଙ୍ଗା, ନିମିଘରା ଓ ବଡ଼ପଶି ଚାଙ୍ଗୁ ଦଳ ଏଥିରେ ଯୋଗଦେଇ ଚାଙ୍ଗୁ ନୃତ୍ୟ ପରିବେଷଣ କରିଥିଲେ। ବାଥୁଡ଼ି ସମ୍ପ୍ରଦାୟର ଏହି ସାଂସ୍କୃତିକ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିନୋଦଙ୍କ ସହ ପ୍ରଦେଶ କଂଗ୍ରେସ କମିଟି ସମ୍ପାଦକ ସଂଗ୍ରାମ ଦାସ, ଜିଲା ଛାତ୍ର କଂଗ୍ରେସ ସଭାପତି ଶୁଭମ ରାଜ ପ୍ରମୁଖ ସାମିଲ ହୋଇଥିଲେ। ଏହି ଅବସରରେ ସେ ହାତୀବାରି ଗ୍ରାମବାସୀଙ୍କୁ ନିଜ ଜାତିର ମୌଳିକ ସଂସ୍କୃତି, ପରମ୍ପରା ବଞ୍ଚାଇ ରଖିବାର ପ୍ରୟାସ କରିଥିବାରୁ ଧନ୍ୟବାଦ ଦେଇଥିଲେ।

# ଯୋଡ଼ା ସହିତ ଯୋଡ଼ି ହୋଇଥିବା ଅନୁଭୂତି ବଖାଣିଲେ

## ଅଧ୍ୟକ୍ଷାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ସମ୍ବର୍ଦ୍ଧନା ସଭାରେ ଉପସ୍ଥିତ ଅତିଥି।

ଯୋଡ଼ା, ୩୦।୪(ମାନସ ମହାନ୍ତି)

ଯୋଡ଼ା ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ମୃଦୁଲା ମହାନ୍ତିଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବହୁ ମାନ୍ୟଗଣ୍ୟ ମହିଳା ଓ ପୁରୁଷ ଯୋଗଦେଇ ଅଧ୍ୟକ୍ଷା ମହାନ୍ତିଙ୍କୁ ଭାବବିହ୍ୱଳ ସମ୍ବର୍ଦ୍ଧନା ଦେଇଥିଲେ। ଦୀର୍ଘ ୩୭ବର୍ଷ ଧରି ଯୋଡା ମହିଳା ମହାବିଦ୍ୟାଳୟରେ ରାଜନୀତି ବିଜ୍ଞାନରେ ଅଧ୍ୟାପିକା ଭାବେ ଚାକିରି କରିବା ସମୟରେ ସେ ଅଧ୍ୟକ୍ଷା ହୋଇଥିଲେ। ତାଙ୍କ କାର୍ଯ୍ୟକାଳ ସମୟରେ ମହାବିଦ୍ୟାଳୟର ବହୁ ଉନ୍ନତିମୂଳକ କାର୍ଯ୍ୟ କରାଯାଇଥିଲା। ଯୋଡା ରିପୋର୍ଟର୍ସ କ୍ଲବ, ଯୋଡା ରୋଟାରୀ କ୍ଲବ, ଉତ୍କଳ ଦିବସ ସମାରୋହ ସମିତି, ଯୋଡ଼ାରେ ଥିବା ବିଭିନ୍ନ ସାହିତ୍ୟ ଅନୁଷ୍ଠାନ ପକ୍ଷରୁ ତାଙ୍କୁ ସମ୍ମାନିତ କରାଯାଇଥିଲା। ଯୋଡା ସହିତ ଯୋଡି ହୋଇରହିଥିବା ତାଙ୍କର ପ୍ରତିଟି ଅନୁଭୂତିକୁ ସେ ସମ୍ବର୍ଦ୍ଧନା ସଭାରେ କହିବା ବେଳେ ଭାବବିହ୍ୱଳ ହୋଇପଡିଥିଲେ। ଯୋଡା ଜଗନ୍ନାଥ ମନ୍ଦିର ସହିତ ସେ ସମ୍ପୂର୍ଣ୍ଣ ଭାବେ ଯୋଡି ହୋଇରହିଥିଲେ। ଜଗନ୍ନାଥ ସେବା ସମିତି ପକ୍ଷରୁ ପ୍ରକାଶିତ ପତ୍ରିକା ରତ୍ନବେଦୀର ସେ ସମ୍ପାଦିକା ଥିଲେ। ଗରିବ ଛାତ୍ରୀମାନେ କିପରି ଅଧ୍ୟୟନ କରିବେ, ଏଥିପାଇଁ ତାଙ୍କ ଆଡୁ ସେ ଆର୍ଥିକ ସହାୟତା ପ୍ରଦାନ କରୁଥିଲେ। ସଭାରେ ମହିଳା ମହାବିଦ୍ୟାଳୟର ପ୍ରତିଷ୍ଠାତା ଜିତୁ ପଟ୍ଟନାୟକଙ୍କ ସମେତ ସାମାଜିକ କର୍ମୀ ସୁଜାତା ପଟ୍ଟନାୟକ, ନୂତନ ଭାବେ ଅଧ୍ୟକ୍ଷା ପଦ ଭାର ଗ୍ରହଣ କରିଥିବା ଜୟଶ୍ରୀ ମହାନ୍ତି, ଜଗନ୍ନାଥ ସେବା ସମିତି ମୁଖ୍ୟ ଡାକ୍ତର ଅନୀଲ କୁମାର ଦାସ, ବରିଷ୍ଠ ଖବରଦାତା ପ୍ରକାଶ କୁମାର ମହାନ୍ତି, ବେଣୁଧର ବେହେରା, ପୃଥିବୀରାଜ ପାତ୍ର, ମନୀନ୍ଦ୍ର ସୁନ୍ଦର ବାରିକ, ସଞ୍ଜୀବ ବାରିକ, ସମୀର ଦାସ ପ୍ରମୁଖଙ୍କ ସମେତ ବହୁ ମାନ୍ୟଗଣ୍ୟ ମହିଳା ଓ ପୁରୁଷ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଅଧ୍ୟାପିକା ଗୀତା ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ପବିତ୍ର ମୋହନ କର ମଞ୍ଚ ପରିଚାଳନା କରିଥିଲେ। ଅଧ୍ୟାପକ ବିଭୂତି ଭୂଷଣ ମହାନ୍ତି ଧନ୍ୟବାଦ ଦେଇଥିଲେ।

# ଅଣାୟତ୍ତ ହେଉଛି ଜଙ୍ଗଲ ନିଆଁ

ଚମ୍ପୁଆ,୩୦।୪(ମହେଶ୍ୱର ଦାସ)

ଦିନକୁ ଦିନ ଚମ୍ପୁଆ ରେଞ୍ଜରେ ଜଙ୍ଗଲ ନିଆଁ ଅଣାୟତ୍ତ ହେବାରେ ଲାଗିଛି। ବିଭିନ୍ନ ପ୍ରକାର ସଚେତନ ସଭା କରାଯାଉଥିଲେ ମଧ୍ୟ ତାର ସୁଫଳ ମିଳି ପାରୁନାହିଁ। ବନାଗ୍ନି ରୋକିବା ପାଇଁ ବିଭାଗ ପକ୍ଷରୁ ୨୪ ଘଣ୍ଟିଆ ପଦକ୍ଷେପ ନିଆଯାଉଥିଲେ ମଧ୍ୟ ଅନେକ ସମୟରେ ଜଙ୍ଗଲରେ ନିଆଁ ଲାଗି ବ୍ୟାପକ କ୍ଷତି ଘଟୁଛି। ଫଳରେ ଔଷଧୀୟ ବୃକ୍ଷଠାରୁ ଆରମ୍ଭ କରି ବହୁ ଗଜା ଗଛ ପୋଡ଼ି ନଷ୍ଟ ହୋଇଯାଉଛି। ଏପରିକି ଏହି ଜଙ୍ଗଲ ନିଆଁ ଜଙ୍ଗଲି ଜୀବ ଜନ୍ତୁଙ୍କ ପ୍ରତି ମଧ୍ୟ ବିପଦ ବଢ଼ାଇଛି। ଏହାର ନିରାକରଣ ପାଇଁ କଡ଼ା ଆଇନର ବ୍ୟବସ୍ଥା ରଖାଯାଇଥିଲେ ମଧ୍ୟ ଦୁର୍ବୃତ୍ତମାନେ ବନ ବିଭାଗ ଆଖିରେ ଧୂଳି ଦେଇ ନିଆଁ ଲଗାଉଥିବାରୁ ବିଭାଗୀୟ କର୍ମଚାରୀଙ୍କୁ ନାକେଦମ ହେବାକୁ ପଡୁଛି। ନିଆଁ ଆୟତ୍ତ କରିବାକୁ ବନପାଳ, ବନରକ୍ଷୀ, ହାତୀ ସ୍କ୍ୱାଡ୍ ପିଲାମାନଙ୍କୁ ମଧ୍ୟ ନିୟୋଜିତ କରାଯାଉଛି। କିଛି ଦିନ ହେବ ବାଲିବନ୍ଧ, ଉଖୁଣ୍ଡା ଓ ଚମ୍ପୁଆ ସେକ୍ସନରେ ଏହି ନିଆଁ ଲାଗୁଥିବା ବେଳେ ଏହାକୁ ଆୟତ୍ତ କରିବା ପାଇଁ ବନ ବିଭାଗ ନାକେଦମ ହୋଇପଡୁଛି। ଜଙ୍ଗଲ ନିକଟବର୍ତ୍ତୀ ଚାଷ ଜମି ଗୁଡ଼ିକରେ ପୁରୁଣା ନଡା ଓ ଝଟାକୁ ପୋଡ଼ି ଜମି ସଫା କରାଯାଉଥିବାରୁ ଏହି ନିଆଁ ଅନାୟସରେ ଜଙ୍ଗଲକୁ ବ୍ୟାପୁଥିବା ସୂଚନା ମିଳିଛି।


ବନପାଳ ଜଙ୍ଗଲରେ ନିଆଁ ଲିଭାଉଛନ୍ତି।

## ଅଗ୍ନିଶମ ଷ୍ଟେଶନ ପରିଚାଳକଙ୍କୁ ବିଦାୟ ସମ୍ବର୍ଦ୍ଧନା

ପାଟଣା, ୩୦।୪(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ଅଗ୍ନିଶମ କାର୍ଯ୍ୟାଳୟର ଷ୍ଟେଶନ ପରିଚାଳକ ମନୋରଞ୍ଜନ ମହାନ୍ତ ଅବସର ଗ୍ରହଣ କରିଛନ୍ତି। ସୋମବାର ପାଟଣା ଅଗ୍ନିଶମ କାର୍ଯ୍ୟାଳୟରେ ତାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଅଗ୍ନିଶମ ବାହିନୀର ସୁଶାନ୍ତ ନାଏକ, ଆଗ୍ନିକ ମନୋଜ କୁମାର ସାହୁ, ଅଜୟ ରାଉତ, ପ୍ରଶାନ୍ତ କୁମାର ନାୟକ ଓ ତରୁଣ କୁମାର ନାଏକ ତାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ପ୍ରକାଶଥାଉ କି, ମନୋରଞ୍ଜନ ତାଙ୍କ ଚାକିରି ଜୀବନ ଢେଙ୍କାନାଳ ଜିଲା ପରଜଙ୍ଗରୁ ଆଗ୍ନିକ ଭାବେ ନିଯୁକ୍ତି ପାଇବା ପରେ ରାଜ୍ୟର ବିଭିନ୍ନ ସ୍ଥାନରେ କାର୍ଯ୍ୟ କରିଛନ୍ତି। ବାତ୍ୟା ହୁଦ୍‌ହୁଦ୍, ଫନି ଓ ତିତ୍‌ଲି ସମୟରେ ସେ ନିଷ୍ଠାର ସହ କାର୍ଯ୍ୟ କରି ପ୍ରଶଂସିତ ହୋଇଥିଲେ। ଅମାୟିକ ବ୍ୟବହାର ସହ ସେବା ମନୋଭାବ ପାଇଁ ପାଟଣା ବ୍ଲକସ୍ତରୀୟ ସାଧାରଣ ତନ୍ତ୍ର ଦିବସ ପାଳନ ଅବସରରେ ୨୦୨୨ରେ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ମୁଣ୍ଡଫଟା ଖରା, ରାସ୍ତାଘାଟ ଶୂନ୍‌ଶାନ୍

ହାଟଡିହୀ,୩୦।୪ (ଶୁଭକାନ୍ତ ନାୟକ)

ରାଜ୍ୟରେ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଜାରି ରହିଛି। ଡହ ଡହ ଖରା ସାଙ୍ଗକୁ ଗୁଳୁଗୁଳିରେ ଲୋକେ ଡହଳବିକଳ ହେଉଛନ୍ତି। ମଙ୍ଗଳବାର କେନ୍ଦୁଝର ଜିଲା ହାଟଡିହୀ ବ୍ଲକରେ ତାପମାତ୍ରା ୪୩ ଡିଗ୍ରୀରେ ପହଞ୍ଚିଥିବା ବେଳେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ମୁଣ୍ଡଫଟା ଖରା ପାଇଁ ପୂର୍ବାହ୍ନ ୧୦ଟା ପରେ ରାସ୍ତାଘାଟ ଶୂନ୍‌ଶାନ୍ ହୋଇଯାଉଛି। ଲୋକେ ଘରୁ ବାହାରକୁ ବାହାରି ପାରୁନାହାନ୍ତି। ଏପରିକି ସରକାରୀ ଏବଂ ବେସରକାରୀ ଅଫିସଗୁଡ଼ିକ ଜନଶୂନ୍ୟ ହେଉଛି। ଅନ୍ୟପଟେ ଅସହ୍ୟ ଗରମକୁ ବାରମ୍ବାର ବିଦ୍ୟୁତ୍ ବିଭ୍ରାଟ ଲୋକଙ୍କ କଷ୍ଟ ବଢ଼ାଇ ଦେଉଛି। ଅପରାହ୍ନ ୪ଟା ପର୍ଯ୍ୟନ୍ତ ଗରମ ତାତି ରହୁଥିବା ବେଳେ ନିର୍ବାଚନୀ ପ୍ରଚାର ବି ମାନ୍ଦା ପଡୁଛି। ଛକ, ବଜାରରେ କୌଣସି ଲୋକଙ୍କୁ ଦେଖିବାକୁ ମିଳୁନି। କେତେକ ସ୍ଥାନରେ ଦୋକାନ ବଜାର ବନ୍ଦ ରହୁଛି। ତାତିରୁ ରକ୍ଷା ପାଇଁ କେହି କେହି ଗଛ ମୂଳେ ସମୟ କାଟୁଛନ୍ତି। ଝାଞ୍ଜି ପବନରେ ଲୋକେ ସନ୍ତୁଳି ହେଉଥିବା ବେଳେ ବର୍ଷା ଟିକେ ପାଇଁ ଚାହିଁ ରହିଛନ୍ତି। ଏଭଳି ସ୍ଥିତିରେ ଅଦ୍ୟାବଧି ବ୍ଲକର ବହୁ ପଞ୍ଚାୟତରେ ଜଳଛତ୍ର ଖୋଲାଯାଇ ନାହିଁ। ଆଉ କେତେକ ସ୍ଥାନରେ ଜଳଛତ୍ର ଖୋଲିଥିଲେ ବି ପ୍ରବଳ ଖରା ପାଇଁ ଜଳ ଯୋଗାଉଥିବା ବ୍ୟକ୍ତି ଜଳଛତ୍ର ଛାଡ଼ି ପଳାଉଥିବା ଦେଖିବାକୁ ମିଳୁଛି।



# ପ୍ରଧାନଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ସୋସୋ, ୩୦।୪ (ସତ୍ୟବ୍ରତ ଜେନା)

ହାଟଡିହୀ ବ୍ଲକ ଧାଇପୋଖରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ରଘୁନାଥ ଦ୍ୱିବେଦୀଙ୍କୁ ମଙ୍ଗଳବାର ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ବିଦ୍ୟାଳୟ ପରିସରରେ ଶାଳଣିଆଁ ଉଚ୍ଚ ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ କୋଦଣ୍ଡଧର ମହାନ୍ତିଙ୍କ ସଭାପତିତ୍ୱରେ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ପୂର୍ବତନ ବ୍ଲକ ସହ ଶିକ୍ଷାଧିକାରୀ ସୁରେଶ କୁମାର ଯେନା, ମୁଖ୍ୟବକ୍ତା ଅଭୟ କୁମାର ଜେନା, ସମ୍ମାନିତ ଅତିଥି ଭାବେ ଅଜୟ କୁମାର ରାଉଳ, ନିରାକାର ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଅତିଥିମାନେ ବିଦାୟୀ ଶିକ୍ଷକଙ୍କ ସମ୍ପର୍କରେ ବକ୍ତବ୍ୟ ରଖିବା ସହ ଉତ୍ତରୀୟ ସହ ଉପଢୌକନ ଦେଇ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ମଞ୍ଚ ପରିଚାଳକ ଅକ୍ଷୟ କୁମାର ବେହେରା, ପ୍ରାଥମିକ ଶିକ୍ଷକ ସଂଘ ସମ୍ପାଦକ ବିବେକ ବେହେରା, ଶିକ୍ଷକ ରାକେଶ କୁମାର ସା, ଅନୁସୟା ପଣ୍ଡା, ନମିତା ଦାସ, ପ୍ରତିଭା ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ସ୍କୁଲର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ଓ ପରିଚାଳନା କମିଟି ସଭ୍ୟ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।




# ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା

ଯୋଡା,୩୦।୪(ମାନସ ମହାନ୍ତି)

କେନ୍ଦୁଝର ଜିଲା ବାମେବାରି ଥାନା ଅନ୍ତର୍ଗତ କୁଟୁଗାଁ ଗ୍ରାମରେ ଅଜଣା ଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁକୁ ଉତ୍ତେଜନା ପ୍ରକାଶ ପାଇଛି। ଖବରପାଇ ପୋଲିସ ପହଞ୍ଚି ବୁଝାଶୁଝା କରିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ମୃତକ ହେଲେ ସୁଶାନ୍ତ କୁମାର ବେହେରା (୨୧)।

ସୂଚନା ଅନୁଯାୟୀ, ଗ୍ରାମରେ ଏକ ବାହାଘର କାର୍ଯ୍ୟକ୍ରମ ଚାଲିଥିବା ବେଳେ ମଙ୍ଗଳବାର ଭୋର୍ ସମୟରେ ସୁଶାନ୍ତ ଗ୍ରାମ୍ୟ ରାସ୍ତାରେ ଯାଉଥିଲେ। ଏହି ସମୟରେ ଏକ ଅଜଣା ଗାଡ଼ି ଧକ୍କା ଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଗ୍ରାମ୍ୟ ରାସ୍ତାରେ ଭାରିଯାନ ଚଳାଚଳ ବନ୍ଦ ଥିବା ବେଳେ କାହିଁକି ଚଳାଚଳ କରୁଛି ବୋଲି ଅଞ୍ଚଳବାସୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଥିବା ବାମେବାରି ଥାନା ଆଇଆଇସି ଦୀପ୍ତି ରଞ୍ଜନ ସାହୁ ସୂଚନା ଦେଇଛନ୍ତି।


ଉତ୍ତେଜିତ ଗ୍ରାମବାସୀ ହୋ ହାଲ୍ଲା କରୁଛନ୍ତି।

# ଗତବର୍ଷ ଗଛ ଲାଗିଥିଲା, ଏବର୍ଷକୁ ନାହିଁ

- ରକ୍ଷଣାବେକ୍ଷଣ ଅଭାବରୁ ନଷ୍ଟ ହୋଇଗଲା
- ପଥପ୍ରାନ୍ତ ବନୀକରଣ ନାଁରେ ଅର୍ଥ ହଡ଼ପ ଅଭିଯୋଗ

ସୋସୋ, ୩୦।୪ (ସତ୍ୟବ୍ରତ ଜେନା)

କେନ୍ଦୁଝର ଜିଲା ଆନନ୍ଦପୁର ବନ୍ୟପ୍ରାଣୀ ବନଖଣ୍ଡ ସୋସୋ ଥାନା ହଦଗଡ଼ ବନାଞ୍ଚଳ ଅଧୀନ କାଠକଟା ସେକ୍ସନରେ କରାଯାଇଥିବା ପଥପ୍ରାନ୍ତ ବନୀକରଣ ଅତି ନିମ୍ନମାନର ହୋଇଛି। ଗତବର୍ଷ ଗଛ ଲାଗିଥିବା ବେଳେ ଏବର୍ଷକୁ ସେଠାରେ ଆଉ ଗଛ ନ ଥିବା ଦେଖିବାକୁ ମିଳିଛି। ଚାରାରୋପଣ ନାଁରେ ସରକାରୀ ଅର୍ଥ ହଡ଼ପ କରାଯାଇଥିବା ଅଭିଯୋଗ ହେଉଛି।

ସୂଚନା ଅନୁଯାୟୀ, କାଠକଟା ସେକ୍ସନ ଅଧୀନ ଦଧିବାମନପୁର ଗ୍ରାମଠାରୁ ଚାରିନାଳିଆ ପର୍ଯ୍ୟନ୍ତ ୨୦୨୩ ଜୁଲାଇ ୬ରେ କେନ୍ଦୁଝର ବନ୍ୟପ୍ରାଣୀ ବନଖଣ୍ଡ, ଆନନ୍ଦପୁର ପକ୍ଷରୁ ୪, ୮୧,୦୦୦ ଟଙ୍କା ବ୍ୟୟରେ ରାଜପଥ ପାର୍ଶ୍ୱରେ ଏକ ହଜାର ଚାରାରୋପଣ କରାଯାଇଥିଲା। ଗଛଗୁଡ଼ିକର ସୁରକ୍ଷା ପାଇଁ ବାଉଁଶ ଜାଲି ଘେରାଉ କରିବା ସହ ରକ୍ଷଣାବେକ୍ଷଣ ପାଇଁ ଜଣେ ଲୋକଙ୍କୁ ନିୟୋଜିତ କରାଯାଇଥିଲା। ଗତବର୍ଷ ଜୁଲାଇରେ ଗଛଗୁଡ଼ିକ ଲଗାଯାଇଥିବା ବେଳେ ରକ୍ଷଣାବେକ୍ଷଣ ଅଭାବରୁ ପ୍ରାୟ ୭୦ ପ୍ରତିଶତ ଗଛ ନଷ୍ଟ ହେଇଯାଇଛି। ଯାହା କିଛି ବଞ୍ଚିଛି ସେଗୁଡ଼ିକୁ ମଧ୍ୟ କେଉଁ ଦୁର୍ବୃତ୍ତ ନିଆଁ ଲଗାଇ ପୋଡ଼ି ଦେଇଥିବା ଦେଖିବାକୁ ମିଳିଛି। ଗଛ ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିବା ୱାଚର ଦୁଇ ମାସ ଖଟିଲା ପରେ ପାରିଶ୍ରମିକ ନ ମିଳିବାରୁ ରକ୍ଷଣାବେକ୍ଷଣ ବନ୍ଦ କରି ଦେଇଥିବା ଜଣାପଡ଼ିଛି। ଆନନ୍ଦପୁର-ଭଦ୍ରକ ରାସ୍ତାରେ ଗଛଗୁଡ଼ିକ ଲଗାଯାଇଥିବା ବେଳେ ବଞ୍ଚି ରହିଥିଲେ ଆଗାମୀ ଦିନରେ ପଥଚାରୀଙ୍କ ପାଇଁ ବେଶ୍ ସହାୟକ ହେଇପାରିଥାନ୍ତା। ଏ ସମ୍ପର୍କରେ କାଠକଟା ସେକ୍ସନ ବନପାଳ ଡମ୍ବରୁଧର ମହାନ୍ତ କହିଛନ୍ତି, କମ୍ ପାରିଶ୍ରମିକ ପାଇଁ କୌଣସି ୱାଚର ରହୁ ନ ନାହାନ୍ତି। ବର୍ଷାଦିନ ଆସିଲେ ପୋଡ଼ିଯାଇଥିବା କିମ୍ବା ଶୁଖି ଯାଇଥିବା ଗଛଗୁଡ଼ିକ ଜାଗାରେ ନୂତନ ଚାରାରୋପଣ କରାଯିବ।


ରାସ୍ତାପାର୍ଶ୍ୱରେ ଲଗାଯାଇଥିବା ଚାରା ନଷ୍ଟ ହୋଇଯାଇଛି।

**ମାଛ ମାରୁଥିବା ବେଳେ ପାଣିରେ ବୁଡ଼ି ଧୀବର ମୃତ**

କାଳିପଦା(ରାଜଶ୍ରୀ ପାଣିଗ୍ରାହୀ)/ ବାଲିଆପାଳ(ଅମୂଲ୍ୟ କୁମାର ଦାସ): ବାଲିଆପାଳ ଥାନା ପଞ୍ଚୁରୁଖି ଗ୍ରାମର କାଳୀ ଚରଣ ଦଳାଇ (୪୫) କେନାଲରେ ମାଛ ମାରୁଥିବା ବେଳେ ହଠାତ୍ ଗୋଡ଼ ଖସିଯିବାରୁ ସେ ଗଭୀର ଜଳରାଶିରେ ବୁଡ଼ି ଯାଇଥିଲେ। ପଡ଼ୋଶୀ ସେଠାରେ ପହଞ୍ଚି ତାଙ୍କୁ ପାଣିରୁ ଉଦ୍ଧାର କରିଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ସଂକ୍ଷେପରେ

### ଅନ୍ତର୍ଜାତୀୟ ନାଭାଲ ଏନ୍‌ସିସି ପ୍ରଶିକ୍ଷଣ ଭାଗନେଇ ଫେରିଲେ କିଶୋର



**କାଳିପଦା, ୩୦।୪(ରାଜଶ୍ରୀ ପାଣିଗ୍ରାହୀ)**

ଭାରତ ସରକାରଙ୍କ ଦ୍ୱାରା ନାଭାଲ୍ ଏନ୍‌ସିସିର ପ୍ରଶିକ୍ଷଣ ଶିବିର ପାଇଁ ସ୍ଥାନୀୟ ସୁବର୍ଣ୍ଣରେଖା ମହାବିଦ୍ୟାଳୟର ଛାତ୍ର କିଶୋର କୁମାର ପାଣିଗ୍ରାହୀ ଚୟନ ହୋଇ ଆଫ୍ରିକା ମହାଦେଶର ୪ଟି ଦେଶ ମରିସସ, ତାଞ୍ଜାନିଆ, ମୋଜାମ୍ବିକ୍, ସିଚେଲସ୍‌ରେ ଭାରତ ମହାସାଗରରୁ ତାଲିମ ନେଇ ଫେରିଛନ୍ତି। ବିପର୍ଯ୍ୟୟ ସମୟରେ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବା ନେଇ ନାଭାଲ ଏନ୍‌ସିସିର ଛାତ୍ରମାନଙ୍କୁ ୪୫ଦିନ ଧରି ପ୍ରଶିକ୍ଷଣ ଦିଆଯାଇଛି। ଓଡ଼ିଶାରୁ ଏକମାତ୍ର ଛାତ୍ର ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଖଗଡ଼ାପାଳ ଗ୍ରାମର କମଳଲୋଚନ ପାଣିଗ୍ରାହୀଙ୍କ ପୁଅ କିଶୋର କୁମାର ପାଣିଗ୍ରାହୀ ଓଡ଼ିଶା ନେଭାଲ ଭଦ୍ରକ ୟୁନିଟ ୨ ଅଧିନରେ ମୌଖିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପରେ ଚୟନ ହୋଇଥିଲେ। ପ୍ରଶିକ୍ଷଣରେ ଭାରତରୁ ୯ ଛାତ୍ର ସାମିଲ ହୋଇଥିଲେ। ଏହି ସଫଳତା ଲାଗି କିଶୋରଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି। ସଫଳତା ଶ୍ରେୟ ସେ ତାଙ୍କ ବାପା କମଳଲୋଚନ ପାଣିଗ୍ରାହୀ, ମା' ସ୍ନେହଲତା ପାଣିଗ୍ରାହୀ, କଲେଜ ଅଧ୍ୟକ୍ଷ ଗୌରାଙ୍ଗ ରାଉତ ଏବଂ ଏନ୍‌ଓ ଦେବାଶିଷ ସାମଲଙ୍କୁ ଦେଇଛନ୍ତି। କିଶୋର ଭାରତ ମାତୃକାର ସେବା କରିବା ପାଇଁ ନୌସେନାରେ ଯୋଗଦେବା ପାଇଁ ଇଚ୍ଛା ପ୍ରକାଶ କରିଛନ୍ତି।

### ମୂର୍ତ୍ତି କାରିଗରଙ୍କ ମୃତ୍ୟୁ, ଅଂଶୁଘାତ ସନ୍ଦେହ

**ଭୋଗରାଇ, ୩୦।୪(ପ୍ରଦୀପ ଦାସ)**

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ କଖଡ଼ା ପଞ୍ଚାୟତ ଚଣ୍ଡୀପୁର ଗାଁର ବିଶିଷ୍ଟ ମୂର୍ତ୍ତୀ କାରିଗର ତଥା କଳାକାର ସୁଶୀଲ କର(୭୨)ଙ୍କ ସୋମବାର ମୃତ୍ୟୁ ହୋଇଥିବା କୁହାଯାଇଛି। ସେ ରବିବାର ଜଳେଶ୍ୱର ଯାଇ ଘରକୁ ଫେରିବା ପରେ ହଠାତ୍ ଘରେ ଅସୁସ୍ଥ ଅନୁଭବ କରିଥିଲେ। ପରିବାର ଲୋକେ ତୁରନ୍ତ ତାଙ୍କୁ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଯାଇଥିଲେ। ମାତ୍ର ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଓଡିଶା, ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡରେ ତାଙ୍କ ଦ୍ୱାରା ବିଭିନ୍ନ ପ୍ରକାର ମୂର୍ତ୍ତୀ ଓ ହସ୍ତ ତୂଳୀରେ ତିଆରି ମୂର୍ତ୍ତୀ ଜୀବନ୍ତ ହୋଇଥିବା ବେଳେ କେନ୍ଦ୍ର ଓ ରାଜ୍ୟରେ ବହୁ ସମ୍ମାନରେ ସମ୍ମାନିତ ହୋଇଥିଲେ। ମୂର୍ତ୍ତୀ କାରିଗରଙ୍କ ମରଶରୀର ଗାଁରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ତାଙ୍କର ବହୁ ଶିଷ୍ୟ ଓ ଆତ୍ମୀୟସ୍ୱଜନ ଉପସ୍ଥିତିରେ ଏକ ବିରାଟ ଶୋଭାଯାତ୍ରାରେ ତାଳସାରୀ ବେଳାଭୂମିକୁ ନିଆଯାଇଥିଲା। ତାଙ୍କର ଏକମାତ୍ର ପୁଅ ସୁପ୍ରଭାତ କର ମୁଖାଗ୍ନି ଦେଇଥିଲେ।

### ବିଜେଡିର ମିଶ୍ରଣ ପର୍ବ

**ବସ୍ତା, ୩୦।୪(ହରିଶଙ୍କର ପାଢ଼ି)**

ବସ୍ତା ବ୍ଲକ ଅଧୀନ ମୁକୁଳିସି ପଞ୍ଚାୟତରେ ବିଜେଡିର କର୍ମୀ ବୈଠକ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ପୂର୍ବତନ ଏମ୍‌ପି ଇଂ. ରବୀନ୍ଦ୍ର କୁମାର ଜେନା ଯୋଗଦେଇ ଷଷ୍ଠଥର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ମୁଖ୍ୟମନ୍ତ୍ରୀ କରିବା ଏବଂ ତାଙ୍କର ଜନହିତକର ଯୋଜନାକୁ ଲୋକଙ୍କ ପାଖରେ ପହଞ୍ଚାଇବା, ମୁଖ୍ୟମନ୍ତ୍ରୀ ସବୁବେଳେ ମା'ମାନଙ୍କୁ ଆଗକୁ ନେବା, ବିଜୁ ସ୍ୱାସ୍ଥ୍ୟକାର୍ଡ ମାଧ୍ୟମରେ ମହିଳାମାନଙ୍କୁ ୧୦ଲକ୍ଷ ଟଙ୍କା ଏବଂ ପୁରୁଷମାନଙ୍କୁ ୫ ଲକ୍ଷ ଟଙ୍କା ଏବଂ ଷାଠବର୍ଷର ବୃଦ୍ଧାବୃଦ୍ଧଙ୍କୁ ମଧୁ ବାବୁ ଯୋଜନାରେ ଏକ ହଜାର ଟଙ୍କା ଭତ୍ତା ଯୋଗାଇ ଦେବା ଭଳି ବହୁ ଯୋଜନା ସାଧାରଣ ଲୋକଙ୍କ ପାଇଁ କରିଛନ୍ତି ବୋଲି କହିଥିଲେ। ଏହି ଅବସରରେ ରାଧାକୃଷ୍ଣ ନନ୍ଦୀ ଓ ଚନ୍ଦନ ନନ୍ଦୀଙ୍କ ସପରିବାର କଂଗ୍ରେସ ଦଳ ଛାଡ଼ି ବିଜେଡିରେ ସାମିଲ ହୋଇଥିଲେ। ବୈଠକରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ଦାସ, ବାଲେଶ୍ୱର ଜିଲା ବିଜୁ ଜନତା ଦଳ ଯୁଗ୍ମ ସମ୍ପାଦକ ରଞ୍ଜନ ଧଳ, ବରିଷ୍ଠ ବିଜେଡି ନେତା ରବୀନ୍ଦ୍ର ସାହୁ, ନରେନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ବାଲେଶ୍ୱରରେ ଅଗ୍ନିବର୍ଷା
# ୨ଟା ୩୦ ସୁଦ୍ଧା ୪୬ ଡିଗ୍ରୀ ପାର୍

**ବାଲେଶ୍ୱର, ୩୦।୪(ମାନସ ବିଶ୍ୱାଳ)**

ରାଜ୍ୟରେ ଗ୍ରୀଷ୍ମପ୍ରବାହ ଅସମ୍ଭାଳ ହୋଇଛି। ସାରା ଓଡ଼ିଶା ପ୍ରବଳ ଖରାରେ ଜଳୁଛି। ଘରୁ ବାହାରିଲେ ତାତି ସାମ୍ନା କରିବାକୁ ପଡୁଛି। ଚଳିତବର୍ଷ ରାଜ୍ୟର ସର୍ବାଧିକ ତାପମାତ୍ରା ମଙ୍ଗଳବାର ରେକର୍ଡ କରିଛି ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ପୂର୍ବାହ୍ନ ୧୦ଟା ପରେ ସହର ଜନଶୂନ୍ୟ ହୋଇଯାଉଛି। ଦୋକାନ, ବଜାର ବନ୍ଦ କରି ଲୋକମାନେ ଘରେ ରହୁଛନ୍ତି। ଜରୁରୀ ପରିସ୍ଥିତିରେ ବହୁ କଷ୍ଟରେ ବିଭିନ୍ନ ସତର୍କତା ସହକାରେ ବାହାରକୁ ଯାଉଛନ୍ତି। ଏପରିକି ଡାକ୍ତରଖାନା ଏବଂ ଔଷଧ ଦୋକାନ ଭଳି ସ୍ଥାନରେ ଅଧିକ ଗ୍ରୀଷ୍ମ ପ୍ରବାହ ଯୋଗୁ ରୋଗୀମାନେ ହନ୍ତସନ୍ତ ହେଉଛନ୍ତି। ବାଲେଶ୍ୱରରେ ମଙ୍ଗଳବାର ଅପରାହ୍ନ ୨ଟା ୩୦ ସୁଦ୍ଧା ୪୬ ଡିଗ୍ରୀ



ବାଲେଶ୍ୱର ସହର ଓଟିରୋଡ୍‌ରେ ଦିନ ୧୧ଟା ସମୟରେ ରାସ୍ତାଘାଟ ଶୂନଶାନ।

ପାର୍ ହୋଇଥିବାରୁ ଜନଜୀବନ ଅସ୍ତବ୍ୟସ୍ତ ହୋଇଥିବାର ଦେଖିବାକୁ ମିଳିଛି।

ଭୁବନେଶ୍ୱର ପାଣିପାଗ କାର୍ଯ୍ୟାଳୟର ସୂଚନା ଅନୁଯାୟୀ ରାଜ୍ୟରେ ମଙ୍ଗଳବାର ୧୫ଟି ସହରରେ ତାପମାତ୍ରା ୪୪ଡିଗ୍ରୀ ଉପରେ ଥିବା ବେଳେ ବାରିପଦାରେ ସର୍ବାଧିକ ୪୬.୪ଡିଗ୍ରୀ ରେକର୍ଡ଼ କରାଯାଇଥିବା ବେଳେ ବାଲେଶ୍ୱର ଜିଲାରେ ୪୬ ଡିଗ୍ରୀ ଏବଂ ଭୁବନେଶ୍ୱରରେ ୪୫ଡିଗ୍ରୀ ତାପମାତ୍ରା ରହିଛି। ରାଜ୍ୟରେ ୨୯ଟି ସହରର ତାପମାତ୍ରା ୪୨ ଡିଗ୍ରୀ ରହିଛି। ୪୪ଡିଗ୍ରୀ ଉପରେ ବାରିପଦା, ବାଲେଶ୍ୱର, ଭୁବନେଶ୍ୱର, ଅନୁଗୁଳ, ତାଳଚେର, ଢେଙ୍କାନାଳ, ଯାଜପୁର, ବୌଦ୍ଧ, ଝାରସୁଗୁଡ଼ା, କଟକ, କେନ୍ଦ୍ରାପଡ଼ା, ଟିଟିଲାଗଡ଼, ନୟାଗଡ଼, ନୂଆପଡ଼ା ଓ ଭଦ୍ରକରେ ହୋଇଥିଲା।

ଭାରତ ସରକାରଙ୍କ ପୃଥିବୀ ବିଜ୍ଞାନ ମନ୍ତ୍ରାଳୟର ଭାରତ ପାଣିପାଗ ବିଭାଗ ଭୁବନେଶ୍ୱରର ସୂଚନା ଅନୁସାରେ ବାଲେଶ୍ୱର ଜିଲାକୁ ଆସନ୍ତା ୧ ତାରିଖ ସକାଳ ୮ଟା ୩୦ରୁ ୨ତାରିଖ ସକାଳ ୮ଟା ୩୦ ମଧ୍ୟରେ ରେଡ୍ ୱାର୍ଣ୍ଣିଂ, ୨ ତାରିଖ ସକାଳ ୮ଟା ୩୦ରୁ ୪ ତାରିଖ ସକାଳ ୮ଟା ୩୦ ମଧ୍ୟରେ ୟେଲୋ ୱାର୍ଣ୍ଣିଂ ସୂଚିତ କରାଯାଇଛି। ବିଭାଗୀୟ ସୂଚନା ଅନୁସାରେ ଆହୁରି ୩ଦିନ ଆକାଶରୁ ଅଗ୍ନି ବର୍ଷା ହେବ। ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ସହ ଗୁଳୁଗୁଳି ଜାରି ରହିବ। ଗ୍ରୀଷ୍ମ ପ୍ରବାହ ଯୋଗୁ ପାଣିପାଗ ବିଭାଗ ଅନେକ ଜିଲାକୁ ରେଡ୍ ଆଲର୍ଟ ଜାରି ରଖିଛି। ସେପଟେ ଆଗାମୀ ୨୪ ଘଣ୍ଟା ପାଇଁ ହିଟ୍‌ୱେଭ୍ ଜାରି କରାଯାଇଛି ବୋଲି ପାଣିପାଗ ନିର୍ଦ୍ଦେଶିକା ମନୋରମା ମହାନ୍ତି ସୂଚନା ଦେଇଛନ୍ତି।

# ସାଧାରଣ ଜନତାଙ୍କ ସ୍ୱର ଥିଲେ ଅରୁଣ ଦେ'

## ବାଇକ୍ ଶୋଭାଯାତ୍ରା, ରକ୍ତଦାନ ଶିବିର

**ବାଲେଶ୍ୱର, ୩୦।୪(ମାନସ ବିଶ୍ୱାଳ)**

ବାଲେଶ୍ୱର ସହର ମଲ୍ଲିକାଶପୁରସ୍ଥିତ କାର୍ଯ୍ୟାଳୟରେ 'ଅରୁଣ ଦେ'(ଦାଦା) ସ୍ମୃତି ପରିଷଦ ଆନୁକୂଲ୍ୟରେ ୭୮ତମ ଜନ୍ମ ଦିବସ ପାଳନ କରାଯାଇଛି। ସେଠାରୁ ଏକ ବାଇକ୍ ଶୋଭାଯାତ୍ରାରେ ସହର ପରିକ୍ରମା କରି ଓଟିରୋଡସ୍ଥିତ ଦାଦାଙ୍କ ବ୍ରୋଞ୍ଜ ନିର୍ମିତ ଆବକ୍ଷ ପ୍ରତିମୂର୍ତ୍ତି ନିକଟରେ ପହଞ୍ଚି ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଆୟୋଜିତ ସାଧାରଣ ସଭାରେ ଅତିଥି ଭାବେ ବାଲେଶ୍ୱର ଲୋକ ସଭା ନିର୍ବାଚନ ମଣ୍ଡଳୀର ବିଜେଡି ପ୍ରାର୍ଥୀ ଡ. ଲେଖାଶ୍ରୀ ସାମନ୍ତସିଂହାର ଓ ବାଲେଶ୍ୱର ବିଧାୟକ ସ୍ୱରୂପ ଦାସ ଯୋଗଦେଇ ବାଲେଶ୍ୱର ସାଧାରଣ ଜନତାଙ୍କ ସ୍ୱର ଥିଲେ ଭୂତପୂର୍ବ ବିଧାୟକ ତଥା ଶ୍ରମିକ ନେତା ଅରୁଣ ଦେ'। ସ୍ୱର୍ଗତ ଦେ' ନିଜର ରାଜନୈତିକ ଜୀବନରେ ଖଟିଖିଆ ମେହେନତି ମଣିଷମାନଙ୍କ ସ୍ୱାର୍ଥ ରକ୍ଷା ଲାଗି ସାଲିସ ବିହୀନ ସଂଗ୍ରାମ ଜାରି ରଖିଥିଲେ। ଶ୍ରମିକ ଶ୍ରେଣୀର ମୁହଁରେ ହସ ଫୁଟାଇବା ଲାଗି ସେ ନିଜର ଅଧିକାଂଶ ସମୟ ବିତାଇ ଦେଇଥିଲେ। ତାଙ୍କର



ଅରୁଣ ଦେଙ୍କ ପ୍ରତିମୂର୍ତ୍ତି ନିକଟରେ ଅତିଥି ଓ ଶୁଭେଚ୍ଛୁ।

ଆବର୍ତ୍ତମାନରେ ଶୂନ୍ୟ ସ୍ଥାନ ପୂରଣ କରିବା ଭଳି ଜଣେ ଜନଦରଦୀ ନେତା ସୃଷ୍ଟି ହେବା ଅସମ୍ଭବ। ତେବେ ପରିଷଦ ତାଙ୍କର ଜନ୍ମଦିନକୁ ପାଳନ କରି ପୂଜ୍ୟପୂଜାକୁ ସମ୍ମାନ ଦେଇପାରିଛି ବୋଲି ଉଲ୍ଲେଖ କରି ପଦକ୍ଷେପକୁ ପ୍ରଶଂସା କରିଥିଲେ।

ଏହିଅବସରରେ ଜିଲା ରକ୍ତଭଣ୍ଡାରରେ ଯୁବନେତା ବିଭୁଦତ୍ତ ପରିଡ଼ାଙ୍କ ନେତୃତ୍ୱରେ ଏକ ମେଗା ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଶିବିରରୁ ୧୦୩ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇ ଜିଲା ରକ୍ତଭଣ୍ଡାରକୁ ପଠାଯାଇଛି। ଚଳିତବର୍ଷ ପରିଷଦ ପକ୍ଷରୁ ସର୍ବାଧିକ ଏକକାଳୀନ ରକ୍ତ ସଂଗୃହୀତ ହୋଇଥିବାରୁ ଜିଲା ରକ୍ତଭଣ୍ଡାର ଅଧିକାରୀ ଡା. ବସନ୍ତ କୁମାର ଉପାଧ୍ୟାୟ ପରିଷଦକୁ ଏକ ସାର୍ଟିଫିକେଟ ଓ ମେଡାଲ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମକୁ ପରିଷଦର ବରିଷ୍ଠ ଉପଦେଷ୍ଟା ରଞ୍ଜନ ବାଗ ପରିଚାଳନା କରିଥିଲେ। ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ, ପୂର୍ବତନ କାଉନସିଲର ବିଶ୍ୱଜିତ ମହାପାତ୍ର, ଅନୁସୂୟା ନାୟକ, ବିନୋଦ ଜୀ, ଅଭିଜିତ୍ ଦାସ, କାଉନସିଲର୍ ସନ୍ଧ୍ୟାରାଣୀ ବେହେରା ପ୍ରମୁଖଙ୍କ ସମେତ ବହୁ ଶୁଭେଚ୍ଛୁ ଉପସ୍ଥିତ ରହି ସହଯୋଗ କରିଥିଲେ।

### ବିକାଶର ବାର୍ତ୍ତା ନେଇ ପ୍ରଚାର କଲେ ଏମ୍‌ପି, ବିଧାୟକ ପ୍ରାର୍ଥୀ

**ବାଲେଶ୍ୱର, ୩୦।୪(ମାନସ ବିଶ୍ୱାଳ)**

ବାଲେଶ୍ୱର ପୌର ପରିଷଦ ଅଧୀନ ୮ ଓ ୧୦ନମ୍ବର ୱାର୍ଡ଼ରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବାଲେଶ୍ୱର ବିଧାୟକ ତଥା ବିଧାୟକ ପ୍ରାର୍ଥୀ ସ୍ୱରୂପ କୁମାର ଦାସ ଏବଂ ଏମ୍‌ପି ପ୍ରାର୍ଥିନୀ ଲେଖାଶ୍ରୀ ସାମନ୍ତସିଂହାର ଘରକୁ ଘର ବୁଲି ନବୀନ ପଟ୍ଟନାୟକଙ୍କ ଜନକଲ୍ୟାଣ ଯୋଜନା ଏବଂ ମହିଳାମାନଙ୍କ ପାଇଁ ବିଭିନ୍ନ ଯୋଜନା ବିଷୟରେ ସଚେତନତା କରାଇବା ସହ ଆସନ୍ତା ଜୁନ ୧ ତାରିଖରେ ଉଭୟ ଏମ୍‌ପି ଏବଂ ବିଧାୟକ ପ୍ରାର୍ଥୀଙ୍କୁ ଶଙ୍ଖ ଚିହ୍ନରେ ଆଶୀର୍ବାଦ ଭିକ୍ଷା କରିଥିଲେ। ପୂର୍ବତନ ଉପାଧ୍ୟକ୍ଷ ମନୋଜ ରାଉତ, ୧୦ନଂ. ୱାର୍ଡ଼ କାଉନସିଲର ରାଧାକୃଷ୍ଣ ଦାସ, କାଉନସିଲର ସନ୍ଧ୍ୟାରାଣୀ ଜେନା, ନାରୀନେତ୍ରୀ ରାଜଲକ୍ଷ୍ମୀ ଚାଟାର୍ଜୀ, ବିଜୁ ଯୁବ ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ଧୀରେନ ନାୟକ, ଟାଉନ ଯୁବ ସଭାପତି ଉମାଶଙ୍କର ତିଆଡି ପ୍ରମୁଖ ସାମିଲ ହୋଇ ବିଜେଡି ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିଥିଲେ।

### ଘରକୁ ଘର ଯାଇ ପୋଷ୍ଟର ମାରିଲେ ବିଧାୟକ

**ନୀଳଗିରି, ୩୦।୪(ପ୍ରଶାନ୍ତ ବିଶ୍ୱାଳ)**

ନୀଳଗିରିନିର୍ବାଚନମଣ୍ଡଳୀ ଜଡ଼ିଦା ପଞ୍ଚାୟତ ଜାମୁଡିହି ଗାଁରେ ବିଜେଡିର 'ଘରେ ଘରେ ଶଙ୍ଖ' କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବିଧାୟକ ସୁକାନ୍ତ କୁମାର ନାୟକ ଯୋଗଦେଇ ଘରକୁ ଘର ଯାଇ ଶଙ୍ଖ ଚିହ୍ନର ପୋଷ୍ଟର ମାରିବା ସହିତ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର କାର୍ଯ୍ୟର ବାର୍ତ୍ତା ବାଣ୍ଟିଥିଲେ। ଏଥିସହିତ ଆଗାମୀ ନିର୍ବାଚନରେ ବିଜେଡି କ୍ଷମତାକୁ ଆସିଲେ ପୁନର୍ବାର ଓଡ଼ିଶାରେ ବିକାଶର ଗଙ୍ଗା ବୋହିବ ବୋଲି ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ରଞ୍ଜିତା ଦଣ୍ଡପାଟ, ନାଏବ ସରପଞ୍ଚ ସୌମ୍ୟରଞ୍ଜନ ଶତପଥୀ, ପୂର୍ବତନ ସରପଞ୍ଚ ମାୟାଧର ମଢ଼େଇ, ସତ୍ୟବାନ ମଢ଼େଇ, ରତ୍ନାକର ଦାସ, ରାମଚନ୍ଦ୍ର ସିଂ, ବିନୋଦ ମହାନ୍ତି, ମାନସ ସିଂ, ଈଶ୍ୱର ଖଣ୍ଡେଇ, ମମତା ଖଣ୍ଡେଇ, ଶିବଚନ୍ଦ୍ର ଖଣ୍ଡେଇ, ୱାର୍ଡସଭ୍ୟ ଗାୟତ୍ରୀ ମଢେଇ, ଚୂଡ଼ାମଣି ମଢେଇ, ପ୍ରଫୁଲ୍ଲ ଦଣ୍ଡପାଟ, ଶାନ୍ତିଲତା ମଢେଇ ଓ ଇଚ୍ଛାମଣି ମଢ଼େଇ ପ୍ରମୁଖ ବହୁ କର୍ମୀ ସାମିଲ ଥିଲେ।

# ଓଡ଼ିଆ ଜାତି ପାଇଁ ମଧୁବାବୁ ପ୍ରେରଣାର ଉତ୍ସ

## ରାଜ୍ୟସ୍ତରୀୟ ସ୍ୱାଭିମାନ ଦିବସ ସମାରୋହ

**ରୂପସା, ୩୦।୪(ବାଞ୍ଛାନିଧି ଦେ)**

ବାଲେଶ୍ୱର ସଦର ବ୍ଲକ ଅଧୀନ ରୂପସାସ୍ଥିତ ଓଡ଼ିଶା ସ୍ୱାଭିମାନ ପରିଷଦ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ସ୍ୱାଭିମାନ ଦିବସ ସମାରୋହ ପାଳିତ ହୋଇଯାଇଛି। ଏଥିରେ ପରିଷଦ ସଭାପତି ଜୟନ୍ତ କୁମାର ପାଣିଗ୍ରାହୀ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ପୁରୀସ୍ଥିତ ଶ୍ରୀ ଜଗନ୍ନାଥ ସଂସ୍କୃତ ବେଦ କର୍ମକାଣ୍ଡ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ଜଗବନ୍ଧୁ ମିଶ୍ର, ମୁଖ୍ୟବକ୍ତା ବାରିପଦା ସଂସ୍କୃତ ଡିଗ୍ରୀ ମହାବିଦ୍ୟାଳୟ ପ୍ରାକ୍ତନ ଅଧ୍ୟକ୍ଷା ଡ. ଜୟଶ୍ରୀ ନନ୍ଦ, ସମ୍ମାନିତ ଅତିଥି ଗୋପାଳପୁର ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ବେହେରା, ନୀଳକଣ୍ଠେଶ୍ୱର ମହାବିଦ୍ୟାଳୟର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ଅଧ୍ୟାପିକା ଡ. ଲେଖାରାଣୀ ଦାସ, ପରିଷଦ ଉପଦେଷ୍ଟା



ସମାରୋହରେ ସମାରୋହ ଅତିଥିଗଣ।

ଭଗବାନ ମହାପାତ୍ର ପ୍ରମୁଖ ଯୋଗଦେଇ ଉତ୍କଳ ଗୌରବ ମଧୁସୂଦନ ଦାସ ଜାତୀୟ ବିକାଶ, ଜାତୀୟ ଅସ୍ମିତା ଓ ଜାତୀୟ ସ୍ୱାଭିମାନର ମହାପ୍ରବାହ ସୃଷ୍ଟି କରି ଓଡ଼ିଆ ଭାଷା ଓ ଜାତିର ସାମଗ୍ରିକ ବିକାଶ ପାଇଁ ଆଜୀବନ ସଂଗ୍ରାମ କରିଥିଲେ। ଓଡ଼ିଆ ଜାତି ପାଇଁ ସେ ପ୍ରେରଣାର ଉତ୍ସ ଥିଲେ ବୋଲି ବକ୍ତବ୍ୟରେ କହିଥିଲେ। ଆବାହକ ସୁଧାକର ଗିରି ପ୍ରାରମ୍ଭିକ ସୂଚନା ଓ ଅଧ୍ୟାପକ ଗୌରାଙ୍ଗ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ଶ୍ରୀଜଗନ୍ନାଥ ମଣ୍ଡପରେ ଅନୁଷ୍ଠିତ ଉତ୍ସବକୁ କାର୍ଯ୍ୟକର୍ତ୍ତା ଗୋପାଳ ଚନ୍ଦ୍ର ସାହୁ, ଗନ୍ଧମାର୍ଦ୍ଦନ ଦେହୁରୀ, ପ୍ରମୋଦ କୁମାର ପଣ୍ଡା, ଜ୍ୟୋତିରଞ୍ଜନ ବର, ଓମବ୍ରତ ପାତ୍ର, ଅନ୍ତର୍ଯ୍ୟାମୀ ମହାପାତ୍ର, ଅଧ୍ୟାପିକା ଇତିଶ୍ରୀ ମହାନ୍ତ ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ। ପରିଷଦ ତରଫରୁ ଭିକାରୀ ଚରଣ ମିସ୍ତ୍ରୀ, ଜିତେନ୍ଦ୍ରନାଥ ପ୍ରଧାନ, ଜଗନ୍ନାଥ ସ୍ୱାଇଁ ଓ ନିରଞ୍ଜନ ବାରିକ ପ୍ରମୁଖ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରିଥିଲେ। ସମ୍ପାଦକ ରବୀନ୍ଦ୍ର କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ନିର୍ମାଣାଧୀନ ରାସ୍ତା ମଝିରେ ବିଦ୍ୟୁତ୍ ଖୁଣ୍ଟ, ଗଛ

**ବାହାନଗା, ୩୦।୪(ଅରୂପ କୁମାର ଦାସ)**

ବାଲେଶ୍ୱର ଜିଲା ବାହାନଗା ବ୍ଲକର ମୁଖ୍ୟ ପୂର୍ତ୍ତବିଭାଗ ଦ୍ୱାରା ନିର୍ମାଣାଧୀନ ରାସ୍ତା ମଝିରେ ବିଦ୍ୟୁତ ଖୁଣ୍ଟି ଓ ଗଛ ହଟୁ ନ ଥିବାରୁ ଅସନ୍ତୋଷ ଦେଖାଦେଉଛି। ରାସ୍ତା କାମ ହେଉଥିଲେ ମଧ୍ୟ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଫଳକ ଲଗାଯାଇନାହିଁ। ତେବେ ରାସ୍ତା କାମ ନିମ୍ନମାନର ହେଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

୧୬ନମ୍ବର ଜାତୀୟ ରାଜପଥ ବାହାନଗା ବଜାର-ତାଳପଦାକୁ ସଂଯୋଗ କରିଥିବା ପୂର୍ତ୍ତ ବିଭାଗ ମୁଖ୍ୟ ରାସ୍ତାର ଉନ୍ନତି ଓ ସମ୍ପ୍ରସାରଣ ନିମନ୍ତେ ୩୩କୋଟି ଟଙ୍କା ସରକାର ମଞ୍ଜୁର କରିଛନ୍ତି। ଏହି ଟଙ୍କାରେ ୧୪ କି.ମି. ୩ଶହ ମିଟର ରାସ୍ତା କାମ ହେବ। ଏଥିରେ ରାସ୍ତାର ଚଉଡା ୭ମିଟର ଅଥବା ୨୩ଫୁଟ ହେଉଛି । ମାତ୍ର ରାସ୍ତା ସମ୍ପ୍ରସାରଣ ହେଉଥିବା



ରାସ୍ତା ମଝିରୁ ଗଛ ହଟା ନ ଯାଇ ସମ୍ପ୍ରସାରଣ କାମ କରାଯାଉଛି।

ବେଳେ ରାସ୍ତା ମଝିରେ ବଡ ବଡ ଗଛ ଓ ବିଦ୍ୟୁତ ଖୁଣ୍ଟି ଥିଲେ ମଧ୍ୟ ତାକୁ ନ ହଟାଇ ଗଛ ଚାରିପାଖରୁ ପିଚୁ କରାଯାଉଛି। ସରକାରଙ୍କ ନିୟମ ଅନୁଯାୟୀ ଯେଉଁ ଗଛ ରାସ୍ତା ପାଇଁ କଟାଯିବ, ତା' ବଦଳରେ ଠିକାଦାର ସଂସ୍ଥା ପକ୍ଷରୁ ରାସ୍ତା କଡରେ ନୂତନ ଗଛ ଲଗାଯିବାର ନିୟମ ରହିଛି। ସେଥିପ୍ରତି ଠିକାଦାର ଗୁରୁତ୍ୱ ଦେଉ ନ ଥିବା ଦେଖାଯାଇଛି । ରାସ୍ତା ସମ୍ପ୍ରସାରଣ ହେଉଥିଲେ ମଧ୍ୟ ଗଛଗୁଡ଼ିକୁ କଟା ନ ଯାଇ ନୂତନ ରାସ୍ତା ନିର୍ମାଣ ହେବା ଯୋଗୁ ରାସ୍ତା ମଝିରେ ଗଛ ଓ ବିଦ୍ୟୁତ ଖୁଣ୍ଟି ରହିଥିଲେ ମଧ୍ୟ ଠିକାଦାର ସେଥିପ୍ରତି ଗୁରୁତ୍ୱ ନ ଦେଇ କାମ କରିଚାଲିଛନ୍ତି। କେବଳ ଠିକାଦାର ନୁହେଁ ବିଭାଗୀୟ ଅଧିକାରୀମାନେ ମଧ୍ୟ ସେଥିପ୍ରତି ଗୁରୁତ୍ୱ ଦେଉ ନାହାନ୍ତି। ଗଛ

## ଫଳକ ଲଗା ନ ଯାଇ ହେଉଛି କାମ

ପାଖ ଓ ଖୁଣ୍ଟି ପାଖରେ ପଡିଥିବା ମାଟି କମ୍ପା ମେଟାଲକୁ ଠିକ୍ ଭାବେ ଭାଇବ୍ରେଟ କରା ନ ଯାଇ ତାହା ଉପରେ ପିଚୁ ମାରି କାମ କରାଯାଉଛି। ପରମୁହୂର୍ତ୍ତରେ ସେହି ସ୍ଥାନଗୁଡିକରେ ରାସ୍ତା ଦବିବା ସହିତ ରାସ୍ତା ଫାଟିବା ନେଇ ଆଶଙ୍କା ଦେଖାଦେଇଛି। ପୂର୍ତ୍ତ ବିଭାଗ ଏସ୍‌ଡିଓ ସୁଶ୍ରୀ ସାହୁ କହିଛନ୍ତି, ଦୁଇଦିନ ଭିତରେ ଫଳକ ଲଗାଯିବାର ବ୍ୟବସ୍ଥା କରାଯାଉଛି । ରାସ୍ତାରେ ଥିବା ଗଛ ଓ ବିଦ୍ୟୁତ ଖୁଣ୍ଟି ଉଠାଇବା ପାଇଁ ଦୁଇ ବିଭାଗକୁ ଚିଠି କରି ନୟାନ୍ତ ହୋଇଥିଲେ ମଧ୍ୟ ସେମାନେ କୌଣସି ପଦକ୍ଷେପ ନେଉନାହାନ୍ତି । ଆମ ବିଭାଗ ପକ୍ଷରୁ ତୁରନ୍ତ କାମ ସାରିବା ପାଇଁ ଚାପ ପଡୁଥିବାରୁ ଆମେ କାମ କରିଦେଉଛୁ ।

# ମତଦାତାଙ୍କୁ ସାମ୍ବିଧାନିକ ଅଧିକାର ସୁନିଶ୍ଚିତ କରିବାକୁ ଆହ୍ୱାନ



ବାଲେଶ୍ୱର ଜିଲା ପ୍ରଶାସନ ପକ୍ଷରୁ ଆୟୋଜିତ ସଚେତନତା ସଭା।

## ଶତ ପ୍ରତିଶତ ଭୋଟଦାନ ପାଇଁ ଜିଲା ପ୍ରଶାସନର ପ୍ରୟାସ

**ବାଲେଶ୍ୱର, ୩୦।୪(ମାନସ ବିଶ୍ୱାଳ)**

୨୦୨୪ ନିର୍ବାଚନ ଲାଗି ଶତ ପ୍ରତିଶତ ଭୋଟଦାନ ପାଇଁ ଜିଲା ନିର୍ବାଚନ ଅଧିକାରୀ ଏବଂ ଜିଲାପାଳ ଆଶିଷ ଠାକ୍‌ରେଙ୍କ ତତ୍ତ୍ୱାବଧାନରେ ବାଲେଶ୍ୱର ଜିଲା ପ୍ରଶାସନ ପକ୍ଷରୁ ଅନନ୍ୟ ପ୍ରୟାସ କରାଯାଇଛି। ଅନ୍ତର୍ଭୁକ୍ତିକରଣ ନିର୍ବାଚନ ନିମନ୍ତେ ପ୍ରତୀକାତ୍ମକଭାବେ ସମାଜର ବିଭିନ୍ନ ବର୍ଗର ପ୍ରତିନିଧିତ୍ୱ କରୁଥିବା ବୟସ୍କ ଭୋଟର, ଭିନ୍ନକ୍ଷମ, ମହିଳା ଓ କିନ୍ନର ମତଦାତାଙ୍କୁ ସେମାନଙ୍କ ସାମ୍ବିଧାନିକ ଅଧିକାର ସୁନିଶ୍ଚିତ କରିବା ପାଇଁ ଜିଲା ପ୍ରଶାସନ ଆହ୍ୱାନ ଦେଇଛି। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ନାୟକ, ସଦର ବିଡ଼ିଓ ସମରଜିତ କର, ଓରମାସର ଯୁଗ୍ମ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ କୌଶିକ ପାତ୍ର ଓ ଜିଲା ସାମାଜିକ ସୁରକ୍ଷା ଅଧିକାରୀ କୃଷ୍ଣଚନ୍ଦ୍ର ବେହେରାଙ୍କ ଉପସ୍ଥିତିରେ ଏକ ଜନସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। କୌଣସି ଭୋଟର ଯେପରି ପଛରେ ନ ପଡ଼ନ୍ତି ସେଥିପ୍ରତି ପ୍ରଶାସନର ନିଷ୍ଠାକୁ ଉପସ୍ଥିତ ବରିଷ୍ଠ ଅଧିକାରୀମାନେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଆଗାମୀ ନିର୍ବାଚନରେ ମତଦାନ କରିବା ପାଇଁ ସମସ୍ତ ଅତିଥି ସଙ୍କଳ୍ପ ନେଇଥିଲେ। ନିଜ ନିଜ ସମ୍ପ୍ରଦାୟ ମଧ୍ୟରେ ମତଦାନର ଗୁରୁତ୍ୱ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ପାଇଁ ମଞ୍ଚାସୀନ ଅଧିକାରୀମାନେ ଉପସ୍ଥିତ ଜନସାଧାରଣଙ୍କୁ ଅନୁରୋଧ କରିଥିଲେ। ଆମ ଜିଲା ଓ ରାଜ୍ୟର ଭବିଷ୍ୟତ ଗଠନରେ ପ୍ରତ୍ୟେକ ଭୋଟରଙ୍କ ଗୁରୁତ୍ୱ ରହିଛି। ପ୍ରତିବନ୍ଧକକୁ ଭାଙ୍ଗି ଗଣତାନ୍ତ୍ରିକ ପ୍ରକ୍ରିୟାରେ ସକ୍ରିୟ ଭାବେ ଭାଗ ନେବା ପାଇଁ ସମାଜର ସବୁ ବର୍ଗକୁ ସଶକ୍ତ କରିବା ଆବଶ୍ୟକ ବୋଲି ଜିଲା ପରିଷଦର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ନାୟକ ମତ ପ୍ରକାଶ କରିଥିଲେ।

# ଭାଜପା ଛାଡ଼ି ବିଜେଡିରେ ମିଶିଲେ



ବିଧାୟକଙ୍କ ଗହଣରେ ବିଜେଡିରେ ମିଶିଥିବା ଯୁବକମାନେ।

**ବାଲେଶ୍ୱର, ୩୦।୪(ମାନସ ବିଶ୍ୱାଳ)**

ବାଲେଶ୍ୱର ଆଜିମାବାଦସ୍ଥିତ ବିଜେଡି ବାଲେଶ୍ୱର ନିର୍ବାଚନମଣ୍ଡଳୀ କାର୍ଯ୍ୟାଳୟରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟ, ସ୍ୱଚ୍ଛ ଶାସନ, ନିର୍ମଳ ଭାବମୂର୍ତ୍ତି, ନୀତି ଆଦର୍ଶ ଏବଂ ବାଲେଶ୍ୱର ବିଧାୟକ ସ୍ୱରୂପ ଦାସଙ୍କ ଜନସେବା କାର୍ଯ୍ୟରେ ଅନୁପ୍ରାଣିତ ହୋଇ ବହୁ ଭାଜପା ଯୁବ କର୍ମୀ ବିଧିବଦ୍ଧ ଭାବେ ବିଜେଡିରେ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମରେ ପୌରପାଳିକା ଉପାଧ୍ୟକ୍ଷ କୈଳାଶ ଚନ୍ଦ୍ର ସେଠୀ, ପୂର୍ବତନ ଉପନଗରପାଳ ମନୋଜ ରାଉତ, ବିଜେଡି ଟାଉନ ସଭାପତି ସନତ ଦାସ, ବିଜେଡି ମହିଳା ଟାଉନ ସଭାପତି କାଉସିଲର ମୀନା ମହାନ୍ତି, ରାଜ୍ୟ ଯୁବ ବିଜେଡି ସାଧାରଣ ସମ୍ପାଦକ ଧୀରେନ ନାୟକ, କାଉନସିଲର ସନ୍ଧ୍ୟାରାଣୀ ଜେନା, ବିଜେଡି ଟାଉନ ଯୁବ ସଭାପତି ଉମାଶଙ୍କର ତିଆଡି, ବିଜେଡି ନେତା ଅତୁଲ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ। ରତିକାନ୍ତ ବେହେରା, ସୁରଜିତ୍ ସରକାର, ଦୟାଧର ପୃଷ୍ଟି, ଦେବାଶିଷ ସାହୁ, ଆଶିଷ ଦାସଙ୍କ ନେତୃତ୍ୱରେ ବହୁ ଯୁବକ ବିଜେଡିରେ ସାମିଲ ହୋଇଥିଲେ।

# ତହସିଲଦାରଙ୍କୁ ଅଟକ ରଖିଲେ ପାଇକାଳପୁର ଗ୍ରାମବାସୀ

## ସରକାରୀ ଜମିରୁ କୋଠଘର ଉଚ୍ଛେଦର ସମୂହ ପ୍ରତିବାଦ



ପୋଲିସ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରୁଛି।

**ଖଇରା, ୩୦।୪(ଉତ୍କଳବନ୍ଧୁ ପଣ୍ଡା)**

ବାଲେଶ୍ୱର ଜିଲା ଖଇରା ତହସିଲ ଝିଙ୍କିରିଆ ପଞ୍ଚାୟତ ଅଧୀନ ପାଇକାଳପୁର ଗ୍ରାମରେ ଗ୍ରାମର ବିଭିନ୍ନ ସାଂସ୍କୃତିକ ଓ ସାମାଜିକ କର୍ମରେ ଲାଗୁଥିବା ଏକ କୋଠଘର ଭାଙ୍ଗିବା ଆଦେଶ ସମ୍ପର୍କରେ ସରଜମିନ ତଦନ୍ତ ପାଇଁ ଗ୍ରାମକୁ ଯାଇଥିବା ଖଇରା ତହସିଲଦାର ସବ୍ୟସାଚୀ ଜେନାଙ୍କୁ ସରପଞ୍ଚଙ୍କ ସମେତ ଶତାଧିକ ଗ୍ରାମବାସୀ ଅଟକ ରଖିଥିଲେ। ପରେ ଖଇରା ଏବଂ ସିମୁଳିଆ ପୋଲିସ ଗ୍ରାମରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ସହ ଏହା ନ ଭାଙ୍ଗିବାକୁ ଗ୍ରାମବାସୀଙ୍କୁ ଲିଖିତ ଭାବେ ଅବଗତ କରାଇବା ପରେ ଘଟଣା ଶାନ୍ତ ପଡିଥିଲା।

ଉକ୍ତ ଗ୍ରାମରେ ସରକାରୀ ଅର୍ଥରେ ସରକାରୀ ଜମିରେ ନିର୍ମାଣ ହୋଇଥିବା କୋଠଘର ଗ୍ରାମର ସାମୂହିକ କାର୍ଯ୍ୟ ଯଥା ହରିହାଟ ଓ ଜଗନ୍ନାଥଙ୍କ ମାଉସୀ ବାଡି ଭାବେ ଦୀର୍ଘଦିନରୁ ବ୍ୟବହୃତ ହୋଇ ଆସୁଥିଲା। ଗ୍ରାମର ରଜନୀ ବାରିକଙ୍କ ଘର ସମ୍ମୁଖରେ ଅବସ୍ଥିତ ଥିବା ଏହି ଘର ତାଙ୍କୁ ତାଙ୍କ ପରିବାର ଲୋକଙ୍କ ଯାତାୟାତ ପାଇଁ ଅସୁବିଧା ସୃଷ୍ଟି କରୁଥିବା ଦର୍ଶାଇ ସେ ୨୦୨୩ ମାର୍ଚ୍ଚରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଉକ୍ତ ଘରକୁ ଉଚ୍ଛେଦ କରାଯିବା ସମ୍ପର୍କରେ କୋର୍ଟ ଖଇରା ତହସିଲଦାରଙ୍କୁ ନିର୍ଦ୍ଦେଶ ଦେବା ପରେ ତହସିଲଦାର ମଙ୍ଗଳବାର ଚୂଡାନ୍ତ ନିଷ୍ପତ୍ତି ନେବା ପାଇଁ ଗ୍ରାମରେ ପହଞ୍ଚିଥିଲେ । ଏହା ପ୍ରତିବାଦରେ ସମୂହ ଗ୍ରାମବାସୀ ଘରଭଙ୍ଗା ନିଷ୍ପତ୍ତିରୁ ଓହରିବା ଦାବି କରି ତହସିଲଦାରଙ୍କୁ ଅଟକ ରଖିଥିଲେ। ଏ ସମ୍ପର୍କରେ ସରପଞ୍ଚ ନିତୁନିବେଦିତା ମାଝି ଓ ଗ୍ରାମବାସୀ ତହସିଲଦାରଙ୍କୁ ଘର ଉଚ୍ଛେଦ ସମ୍ପର୍କରେ ପଚାରିବାରେ ସେ ଗାଳିଗୁଲଜ କରିବା ସହ ବାକି ଅଢେଇବର୍ଷ କୌଣସି କାମ କରିବାରେ ସହଯୋଗ କରିବେ ନାହିଁ ବୋଲି କହିବାରୁ ଗ୍ରାମବାସୀ ଏହାର ପ୍ରତିବାଦ କରିଥିଲେ। ଏ ସମ୍ପର୍କରେ ତହସିଲଦାର କହିଛନ୍ତି, ଗ୍ରାମର ରଜନୀ ବାରିକଙ୍କ ଦ୍ୱାରା ହୋଇଥିବା ଏକ ମାମଲା(୩୭୮୭୩/୨୩) ଓ ପରବର୍ତ୍ତୀ ସମୟରେ ପୁନଶ୍ଚ କୋର୍ଟ ଅବମାନନା ମାମଲାକୁ ଭିତ୍ତି କରି କୋର୍ଟ ଆଦେଶ ଅନୁଯାୟୀ ସେ କୋଠଘର ଭାଙ୍ଗିବା ସମ୍ପର୍କରେ ନିଷ୍ପତ୍ତି ନେବାକୁ ସେ ଗ୍ରାମକୁ ଯାଇ ଗ୍ରାମବାସୀଙ୍କୁ ପଚରାଉଚୁରା କରିଥିଲେ। ଏହି ସମୟରେ ସରପଞ୍ଚଙ୍କ ସ୍ୱାମୀଙ୍କ ସମେତ ଅନ୍ୟମାନେ ତାଙ୍କୁ ଦୁର୍ବ୍ୟବହାର କରିଥିବା କହିଛନ୍ତି।

